ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ମଙ୍ଗଳବାର ୦୯ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 FEBRUARY 2021
Vol.No. 31 ■ No. 38 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

## ତେଲଗୁ ଭାଷା ଓ ସଂସ୍କୃତିର ବିକାଶ ପାଇଁ ଓଡିଶାରେ ଆନ୍ଧ୍ର ପ୍ରଦେଶ ଗୃହ କମିଟି

ଭୁବନେଶ୍ୱର,୦୮।୦୨ (ନି.ପ୍ର): ଓଡ଼ିଶା - ଆନ୍ଧ୍ର ବିବାଦ ପ୍ରସଙ୍ଗରେ ୨ ସରକାରର ଅପୋଷ ଆଲୋଚନାରେ ବିବାଦର ସମାଧାନ ହେବ ବୋଲି କହିଛନ୍ତି ଆନ୍ଧ୍ରପ୍ରଦେଶ ବିଧାନ ପରିଷଦ ଅଧକ୍ଷ ମହମ୍ମଦ ଅହମଦ ସରିଫ। ଡ଼ିଶାରେ ବସବାସ କରୁଥିବା ତେଲୁଗୁଭାଷୀ ଅଧିବାସୀ ମାନଙ୍କର ଭାଷା ଓ ସଂସ୍କୃତିର ବିକାଶ ପାଇଁ ଆନ୍ଧ୍ର ପ୍ରଦେଶ ବିଧାନ ପରିଷଦର ଗୃହ କମିଟି ଓଡ଼ିଶା ଗସ୍ତରେ ଆସିଛନ୍ତି । ବିଧାନ ପରିଷଦ ଅଧକ୍ଷ ମହମ୍ମଦ ଅହମ୍ମଦ ସରିଫଙ୍କ ନେତୃତ୍ୱରେ ଆସିଥିବା ୭ଜଣିଆ ପ୍ରତିନିଧିଦଳ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀରରଞ୍ଜନ ଦାଶ ଓ ▶▶ପୃଷ୍ଠା ୭

# ତପୋବନ ସୁଡଙ୍ଗ ଭିତରେ ଚାଲିଛି ଜୀବନ ବଞ୍ଚାଇବାକୁ ଯୁଦ୍ଧ

## ସୁଡଙ୍ଗର ଶହେ ମିଟର ଭିତରକୁ ପଶିଲା ଉଦ୍ଧାରକାରୀଦଳ : ୧୯ ଶବ ଉଦ୍ଧାର



ଉତ୍ତରାଖଣ୍ଡ,୦୮।୦୨ : ଚମୋଲୀ ଦୁର୍ଘଟଣାକୁ ନେଇ ଉତ୍ତରାଖଣ୍ଡ ପୋଲିସ ବୟାନ ଜାରି କରିଛି । ପୋଲିସ ଦ୍ୱାରା କରାଯାଇଥିବା ଟ୍ୱିଟ୍ ମୁତାବକ ଏପର୍ଯ୍ୟନ୍ତ ୨୦୨ ଜଣ ଲୋକ ନିଖୋଜ ଥିବା କୁହାଯାଇଛି । ଏହା ସହ ବିଭିନ୍ନ ସ୍ଥାନରୁ ୧୯ ଟି ଶବ ଉଦ୍ଧାର କରାଯାଇଛି । ଏହାସହ ତପୋବନ ସୁଡଙ୍ଗ ଭିତରୁ ଲଗାତର ଭାବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏପର୍ଯ୍ୟନ୍ତ ଉଦ୍ଧାରକାରୀଦଳ ଶହେ ମିଟର ଭିତରକୁ ପଶିବାରେ ସକ୍ଷମ ହୋଇଥିବା ପୋଲିସ ସୂଚନା ଦେଇଛି । ଅନ୍ୟପଟେ ସୁଡଙ୍ଗ ଭିତରେ ଏବେ ବି ୩୭ ରୁ ଅଧିକ ଲୋକ ଫସି ରହିଥିବା କୁହାଯାଉଛି । ପୋଲିସର ସୂଚନା ମୁତାବକ କାଲି ହୋଇଥିବା ପ୍ରାକୃତିକ ଦୁର୍ବିପାକରେ ପାଖା ପାଖି ୨ ଶହ ଲୋକ ନିଖୋଜ ରହିଛନ୍ତି । ଏବେ ବି ନିଖୋଜ ଥିବା ଲୋକମାନଙ୍କ ପରିବାର ଲୋକେ ପୋଲିସ ନିକଟରେ ରିପୋର୍ଟ ଦାଖଲ କରୁଛନ୍ତି । ଏହାସହ ତପୋବନର ଏକ ଛୋଟ ଟର୍ନେଲରୁ ୧୨ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆଇଟିବିପି ଯବାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ସ୍ନିଫର ଡଗର ସହାୟତା ନିଆଯାଉଛି । ଅନ୍ୟପଟେ ଆଜି ସକାଳୁ ବାୟୁସେନା ବି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଏହାସହ ଡେରାଡୁନର ଯୋଶୀମଠରେ ଉଦ୍ଧାର କାର୍ଯ୍ୟ କରିବାକୁ ସେନା ପଠାଇଛନ୍ତି ସରକାର ।

## ଏନଏମର ନୋଟିଫିକେସନ ପ୍ରତ୍ୟାହୃତ : କେନ୍ଦ୍ର ସଂସ୍କୃତି ମନ୍ତ୍ରୀ



ନୂଆଦିଲ୍ଲୀ ଭୁବନେଶ୍ୱର,୦୮।୦୨ (ନି.ପ୍ର): ଜାତୀୟ ଐତିହ୍ୟ ପ୍ରାଧିକରଣର ନୋଟିଫିକେସନକୁ ଏହାର ଚେୟାରମ୍ୟାନଙ୍କୁ ନ ଜଣାଇ ଜାରୀ କରା ଯାଇଥିବାରୁ ଏହାକୁ ତତ୍କାଳ ପ୍ରଭାବରେ ପ୍ରତ୍ୟାହାର କରା ଯାଇଛି ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲାଦ ସିଂହ ପଟେଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସାଂସଦଙ୍କ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ସୂଚନା ଦେଇଥିଲା । ତେବେ ଏହାକୁ ପ୍ରତ୍ୟାହାର କରା ଯାଇଥିବା ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ବିଜେପିର ସାଂସଦମାନେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଭେଟି ଆଲୋଚନା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେଡି ସାଂସଦମାନଙ୍କ ଏକ ପ୍ରତିନିଧି ଦଳ ମଧ୍ୟ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଙ୍କୁ ଭେଟି ପୁରୀ ଶ୍ରୀମନ୍ଦିର ପୁରୀ ପାଇଁ ଏନଏମଏ ଡ୍ରାଫ୍ଟ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହାକୁ ପ୍ରତ୍ୟାହାର କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିନିଧି ଦଳକୁ ଆଶ୍ୱାସନା ଦେଇଥିଲେ। ଓଡ଼ିଶାବାସୀ ତଥା ହିନ୍ଦୁଙ୍କର ଧାର୍ମିକ ବିଶ୍ୱାସ ଓ ଭାବାବେଗକୁ ଦୃଷ୍ଟିରେ ରଖି ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନଏମଏ)ର ଉପନିୟମ(ବାଏ-ଲ)କୁ ସ୍ଥଗିତ ରଖିବା ନେଇ ସାଂସଦମାନେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଥିଲେ ।

## ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ଉପନିୟମ ପ୍ରତ୍ୟାହାର କରିଥିବାରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଧନ୍ୟବାଦ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବେନଶ୍ୱର, ,୦୮।୦୨ (ନି.ପ୍ର): ନୂଆଦିଲ୍ଲୀ ଠାରେ ସୋମବାର ଓଡ଼ିଶା ବିଜେପି ସାଂସଦଙ୍କ ସହ ଶ୍ରୀମନ୍ଦିର ପାଇଁ ଜାତୀୟ ଐତିହ୍ୟ ପ୍ରାଧିକରଣ (ଏନଏମଏ)ର ଐତିହ୍ୟ ପ୍ରସ୍ତାବିତ ଉପନିୟମ(ବାଇ-ଲ)କୁ ସ୍ଥଗିତ ରଖିବାନେଇ ଅାଲୋଚନା କରିବା ପରେ ଏହାକୁ ସଙ୍ଗେସଙ୍ଗେ ପ୍ରତ୍ୟାହାର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୂଚନାଯୋଗ୍ୟ, ଗତ ଦୁଇ ଦିନ ତଳେ ଶ୍ରୀ ପ୍ରଧାନ ପ୍ରଥମେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହଙ୍କ ସହ ଫୋନ ଯୋଗେ କଥା ହୋଇ ଏନଏମଏର ପ୍ରସ୍ତାବିତ ଐତିହ୍ୟ ଉପନିୟମ ଉପରେ ଅଧିକ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ । ଧାର୍ମିକ ଭାବେର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ଡ୍ରାଫ୍ଟ ଉପନିୟମକୁ ଅଧିକ ଆଲୋଚନା ପାଇଁ ସମୟ ଲୋଡିଥିଲେ ଶ୍ରୀ ପ୍ରଧାନ । ଏହାସହ ସାଧାରଣ ଜନତାଙ୍କ ମତାମତ ପାଇଁ ଏହି ପ୍ରସ୍ତାବିତ ଉପନିୟମର ଡ୍ରାଫ୍ଟକୁ ଓଡିଆ ଭାଷାରେ ସର୍ବସାଧାରଣରେ ପ୍ରକାଶ କରିବା ନିମେନ୍ତ ମଧ୍ୟ ଅନୁରୋଧ କରିଥିଲେ । ଏହାର ଉତରାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହାପ୍ରଭୁ ▶▶ପୃଷ୍ଠା ୭

## ମଇ ୩ରୁ ମାଟ୍ରିକ୍ ପରୀକ୍ଷା : ପ୍ରକାଶ ପାଇଲା ପରୀକ୍ଷା ସୂଚୀ

### ସକାଳ ୮ଟାରୁ ୧୦ ଟା ହେବ ପରୀକ୍ଷା , ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍



ଭୁବନେଶ୍ୱର,୦୮।୦୨ (ନି.ପ୍ର): ଆସନ୍ତା ମଇ ୩ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୋମବାର ଦିନ ୨୦୨୧ର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ରେଗୁଲାର ଓ ଏକ୍ସରେଗୁଲାର) ସୂଚୀ ପ୍ରକାଶ ପାଇଛି । ମାଟ୍ରିକ ପରୀକ୍ଷା ମଇ ୩ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ଓ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପରୀକ୍ଷା ସକାଳ ୮ଟାରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଚାଲିବ । ତେବେ ଗଣିତ ବିଷୟ ପାଇଁ ଅଧିକ ୧୫ ମିନିଟ୍ ଦିଆଯିବ। ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ଦିନ ପ୍ରଥମ ଭାଷା (ଓଡ଼ିଆ କିମ୍ବା ଅନ୍ୟ ଭାଷା), ମଇ ୫ରେ ଦ୍ୱିତୀୟ ଭାଷା (ଇଂରାଜୀ କିମ୍ବା ଅନ୍ୟ ଭାଷା), ମଇ ୭ରେ ତୃତୀୟ ଭାଷା (ହିନ୍ଦୀ କିମ୍ବା ଅନ୍ୟ ଭାଷା), ମଇ୮ରେ ତୃତୀୟ ଭାଷା (ସଂସ୍କୃତ), ମଇ ୯ରେ ଭିଜୁଆଲ ଆର୍ଟସ ପ୍ରାକ୍ଟିକାଲ, ମଇ ୧୦ରେ ଗଣିତ, ମଇ୧୨ରେ ବିଜ୍ଞାନ ଏବଂ ମଇ ୧୫ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ । ପରୀକ୍ଷା ଦିନ ୭ଟା ୪୫ ମିନିଟରେ ଉଭୟ ଭାଗ-୧( ଅବଜେକ୍ଟିଭ) ଓ ଭାଗ-୨ ( ସବଜେକ୍ଟିଭ) ପ୍ରଶ୍ନପତ୍ର ବଂଟାଯିବ । ▶▶ପୃଷ୍ଠା ୭

## ଖଣ୍ଡଗିରି ମେଳା ନେଇ ଚୂଡାନ୍ତ ନିଷ୍ପତ୍ତି ଆଜି

ଭୁବନେଶ୍ୱର,୦୮।୦୨ (ନି.ପ୍ର): ବଦଳିପାରେ ଖଣ୍ଡଗିରି ମେଳା ସ୍ଥାନ। ସୋମବାର ଦିନଏଭଳି ସୂଚନା ଦେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ। ଗଣମାଧ୍ୟମକୁ ସୂଚନାଦେଇ ସେ କହିଛନ୍ତି ଯେ ମେଳା ହେଉଥିବା ସ୍ଥାନରେ ଏନଏଚ୍ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପୂର୍ବ ସ୍ଥାନରେ ଏଥିପାଇଁ ଅନୁମତି ଦେବା ଅସମ୍ଭବ। ଗୋଟିଏ ସ୍ଥାନରେ ନକରି ପୃଥକ ପୃଥକ ସ୍ଥାନରେ ମେଳା ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ଏସଆରସିଙ୍କ ସହ ଆଲୋଚନା କରାଯାଇଛି। ଖଣ୍ଡଗିରି ଯାତ୍ରାକୁ ଦୈନିକ ୫୦ହଜାରରୁ ଅଧିକ ଲୋକଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି। ତେଣୁ ସେହି ସ୍ଥାନରେ କୋଭିଡ କଟକଣା ମଧ୍ୟରେ ଯାତ୍ରା ପାଇଁ ଅନୁମତି ଦେବା ଅସମ୍ଭବ। ଏଥିଲାଗି ବିକଳ୍ପ ସ୍ଥାନ ଖୋଜା ଚାଲିଥିବା କହିଛନ୍ତି ବିଏମସି କମିଶନର। ଆୟୋଜକ ମାନଙ୍କ ସହ ଆଜି ପୁନର୍ବାର ଆଲୋଚନା ପରେ ଚୂଡାନ୍ତ ନିଷ୍ପତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। କରୋନାର ସଫଳ ମୁକାବିଲାରେ ରାଜଧାନୀ ବାସୀଙ୍କ ସହଯୋଗ ମିଳିଛି। କୌଣସି ଭୁଲ ନିଷ୍ପତି ପୁଣି ବୁମେରାଂ ହୋଇପାରେ। ଏଣୁ ସବୁ ଦିଗକୁ ଦୃଷ୍ଟିରେ ରଖି ଖଣ୍ଡଗିରି ଯାତ୍ରା ପାଇଁ ନିଷ୍ପତି ନିଆଯିବ।

## ରାଜ୍ୟର ୨୧୬୬ ପ୍ଲାଜମାଦାତାଙ୍କ ମଧ୍ୟରେ ୧୦୦୨ ପୋଲିସ୍

ଭୁବନେଶ୍ୱର,୦୮।୦୨ (ନି.ପ୍ର): ରାଜ୍ୟରେ ବର୍ତମାନ ସୁଦ୍ଧା ମୋଟ ୨୧୬୬ ଜଣ ପ୍ଲାଜମା ଦାନ କରିଛନ୍ତି। ସେଥିମଧ୍ୟରୁ କେବଳ ଓଡିଶା ପୋଲିସ୍ ର ୧୦୦୨ ଜଣ ଅଛନ୍ତି। ଯାହାକି ସମୁଦାୟ ପ୍ଲାଜମା ସଂଗ୍ରହର ୪୬ ପ୍ରତିଶତ ଅଟେ। ଯବାନମାନଙ୍କ ଏହି ମହତ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ସମସ୍ତଙ୍କୁ ପ୍ରଶଂସା କରିଛନ୍ତି। ସୋମବାର ଦିନ ସେହି ସାହାସୀ ଓ ନିଃସ୍ୱାର୍ଥପର ଯବାନମାନଙ୍କୁ ଏକ ପ୍ରଶଂସା ସ୍ମାରକୀ ପ୍ରଦାନ କରାଯାଇଛି। ଏହି ଅବସରରେ କୋଭିଡ୍ ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଓଡିଶା ପୋଲିସ୍ ର ୪୮ ଜଣ ଯବାନଙ୍କୁ ଶ୍ରଦ୍ଧାଂଜଳୀ ଜଣାଯାଇଥିଲା। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ବର୍ଷ ଜୁଲାଇ ୨୪ ତାରିଖରୁ ଓଡିଶା ପୋଲିସ୍ ର ପ୍ଲାଜମା ଦାନ ଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ ଦିନ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟର ଦୁଇ ଜଣ ଯବାନ କଟକ ଏସସିବିରେ ପ୍ଲାଜମା ଦାନ କରିଥିଲେ। ଗୁରୁତର କରୋନା ରୋଗୀଙ୍କ ପାଇଁ ପ୍ଲାଜମା ଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି।

## ଶୀତ ଲହରୀ ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୦୮।୦୨ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳ ଶୀତ ଲହରୀ ପ୍ରବାହିତ ହେବା ସହ ଘନ କୁହୁଡ଼ି ଦେଖାଦେଇପାରେ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟର ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, କେନ୍ଦୁଝର, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭୃତି ୮ଟି ଜିଲ୍ଲାକୁ ଚେତାବନୀ ସହ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ ଶିଶୁ, ବୃଦ୍ଧ ତଥା ରୋଗୀମାନଙ୍କୁ ଘରୁ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେବା ସହ ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି। ଅପରପକ୍ଷରେ ଆସନ୍ତା ପାଂଚ ଦିନ ପାଇଁ ଓଡିଶାର ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

## ଆଜି କ୍ୟାବିନେଟ୍ ଓ ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୦୮।୦୨ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ସଂଧ୍ୟାରେ ରାଜ୍ୟ ମନ୍ତ୍ରିମଣ୍ଡଳ ଓ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟ ବୈଠକରେ ଅଧ୍ୟକ୍ଷତା କରିବେ। ମନ୍ତ୍ରି ପରିଷଦ ବୈଠକରେ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ୍ ଚିଠା ପାରିତ ହେବ ବୋଲି ସୂଚନା ମିଳିଛି।

## ପାଠକ ବାପାପୁଅଙ୍କ ନାମରେ ଆଉ ତିନୋଟି ଠକେଇ ମାମଲା ରୁଜୁ

ଗଞ୍ଜାମ,୦୮।୦୨ (ନି.ପ୍ର): ବରିଷ୍ଠ ଆଇଏଫଏସ ଅଧିକାରୀ ବାପା ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କ ନାମରେ ଆଉ ତିନୋଟି ଠକେଇ ମାମଲା ରୁଜୁ କରିଛି ପୋଲିସ । ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ମାମଲାରେ ବାପାପୁଅଙ୍କୁ ଯୋଡି ଗୋଳନ୍ଥରା ପୋଲିସ ଆଉ ତିନୋଟି ଠକେଇ ମାମଲା ରୁଜୁ କରିଛି । ଏଣୁ ଏନେଇ ପଚରା ଉଚୁରା ଲାଗି ଉଭୟଙ୍କୁ ହାଜର ହେବାକୁ ଗୋଳନ୍ଥରା ପୋଲିସ ପକ୍ଷରୁ ବ୍ରହ୍ମପୁର ଏସଡ଼ିଜେଏମ୍ କୋର୍ଟରେ ଆବେଦନ କରାଯାଇଥିଲା। ଏହି ଆବେଦନ ଉପରେ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ଆସନ୍ତା କାଲି ପାଠକ ବାପା ପୁଅ କୋର୍ଟରେ ହାଜର ହୋଇପାରନ୍ତି ।

## ୧୮ କୋଟି ଟଙ୍କାରେ ପୁରୁଣା ଭିତିଭୂମିକୁ ନୂଆ ରୂପ ଦିଆଯିବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୮।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନ ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନୂଆ ଏକାଡେମିକ୍ ବ୍ଲକ୍, ପାଠାଗାର ଓ ହଷ୍ଟେଲ ବିଲ୍ଡିଂର ଉଦଘାଟନ କରିଛନ୍ତି। ଆଗାମୀ ଦିନରେ ପୁରୁଣା ଏକାଡେମିକ୍ ବିଲ୍ଡିଂ , ହଷ୍ଟେଲ ବିଲ୍ଡିଂ ଓ ଓପନ ଏୟାର ଷ୍ଟେଜ୍ ଆଦି ସବୁ ଭିତିଭୂମିଗୁଡିକୁ ନୂଆରୂପ ଦିଆଯିବ। ଏଥିପାଇଁ ୧୮ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। ରମାଦେବୀ ମହିଳା ୟୁନିଭରସିଟିର ବିକାଶ ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଗସ୍ତ କରିବା ଅବସରରେ କହିଥିଲେ ଯେ କରୋନା ପରେ ଆଜି ମୁଁ ପ୍ରଥମ ଥର ପାଇଁ ପିଲାମାନଙ୍କୁ ଭେଟୁଛି। ଓଡିଶାର ପ୍ରଥମ ମହିଳା ୟୁନିଭରସିଟି, ରମାଦେବୀ ମହିଳା ୟୁନିଭରସିଟିକୁ ଆସିଛି । ଏଥିପାଇଁ ମୁଁ ବହୁତ ଖୁସି। ଏହି ଅବସରରେ ସେ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂତନ ଭାବେ ଉଦଘାଟିତ ହୋଇଥିବା ଏକାଡେମିକ୍ ବ୍ଲକ୍, ପାଠାଗାର ଓ ହଷ୍ଟେଲ ▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ଆନ୍ଦୋଳନ ପ୍ରତ୍ୟାହାର କରିବା ନେଇ କରିଥିବା ଅପିଲ ଉପରେ ରାକେଶ ଟିକାୟତଙ୍କ ବୟାନ

ନୂଆଦିଲ୍ଲୀ,୦୮।୦୨ (ନି.ପ୍ର): ଆଜି ରାଜ୍ୟସଭାକୁ ସମ୍ବୋଧିତ କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ଆନ୍ଦୋଳନ ବନ୍ଦ କରିବାକୁ ଅପିଲ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏଭଳି ଅପିଲ ପରେ କୃଷକନେତା ରାକେଶ ଟିକାୟତ ପ୍ରତିକ୍ରିୟା ରଖିଛନ୍ତି । ଟିକାୟତ କହିଛନ୍ତି କି ଭୋକ ଉପରେ ବେପାର କରନ୍ତୁ ନାହିଁ । ଏଭଳି କରୁଥିବା ଲୋକଙ୍କୁ ଦେଶ ବାହାରିକୁ ପଠାଇ ଦିଆଯିବ । ଏହା ସହ ସେ କହିଛନ୍ତି କି ଯଦି ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି ତେବେ ଆମେ ପ୍ରସ୍ତୁତ ଅଛୁ ହେଲେ ଆମେ ପୂର୍ବରୁ ଯେଉଁ ଦାବି ଉଠାଇଛୁ ସେଥିରୁ ଆମେ ଉହୁରିବୁ ନାହିଁ । ନୂତନ କୃଷି ବିଲରେ ସରକାର ଯେଉଁ ୧୫ ଟି ପ୍ରାବଧାନକୁ ସଂଶୋଧନ କରିବାକୁ ଚାହୁଁଛନ୍ତି ତାହା ସରକାର ସ୍ପଷ୍ଟ କରନ୍ତୁ ଓ ତା'ପରେ ଆମକୁ ଆଲୋଚନାକୁ ଡାକନ୍ତୁ । ଏହା ସହ ଶ୍ରୀ ଟିକାୟତ କହିଛନ୍ତି କି ଦୁଗ୍ଧ ମାମଲାରେ ଦେଶର ଅବସ୍ଥା ଠିକ୍ ନାହିଁ । ଏହା ଉପରେ ନୂତନ କୃଷିବିଲ୍ ଲାଗୁ ହେଲେ ତୁର୍କି ଭଳି ଭାରତକୁ ବି ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ବାହାର ଦେଶରୁ ମଗାଇବାକୁ ପଡିବ । ସେ ଆହୁରି କହିଛନ୍ତି କି ପ୍ରଧାନମନ୍ତ୍ରୀ ଚାଷୀଙ୍କୁ ଅପିଲ୍ କରିବା ପୂର୍ବରୁ ସମସ୍ତ ସାଂସଦ ମାନଙ୍କୁ ଅପିଲ୍ କରନ୍ତୁ କି ସେମାନେ ତାଙ୍କ ପେନସନ୍ ଛାଡି ଦିଅନ୍ତୁ । କହିରଖୁ କି ସୋମବାର ପ୍ରଧାନମନ୍ତ୍ରୀ ରାଜ୍ୟସଭାକୁ ସମ୍ବୋଧିତ କରିବା ବେଳେ କହିଥିଲେ କି ନୂତନ କୃଷିବିଲ୍ ଲାଗୁ ହେଲେ ବି ଏମଏସପି ଆଗଭଳି ବଳବତ୍ତର ରହିବ । କୃଷକ ମାନେ ଆନ୍ଦୋଳନରୁ ଉହୁରି ଯାଆନ୍ତୁ । ସରକାର କୃଷକ ମାନଙ୍କ ସହିତ ଆଗରୁ ଆଲୋଚନା କରିଛନ୍ତି ଓ ଆଗକୁ ବି ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ।

# 'ଯୁଗଶ୍ରୀ ଯୁଗନାରୀ'ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର




ବାଲେଶ୍ୱର,୮।୨ (ନି.ପ୍ର): ମାସିକ ଓଡ଼ିଆ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର ସହରର ଦାମୋଦରପୁର ସ୍ଥିତ ଦଉଡ଼ିଭଙ୍ଗାଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ଚାରୁବାଳା ରଥ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀମାନଙ୍କଠାରେ ଦେଖାଯାଉଥିବା ବିଭିନ୍ନ ରୋଗ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଲଜ୍ଜା ଯୋଗୁଁ ନିଜର ରୋଗ ଯନ୍ତ୍ରଣା ବାବଦରେ ବହୁ ମହିଳା ପ୍ରକାଶ ନ କରିବା ଯୋଗୁଁ ଏହା ଅଧିକ ଜଟିଳ ସ୍ଥିତି ସୃଷ୍ଟି କରିଥାଏ । ଯେତେ ଗୁପ୍ତ ହେଲେ ମଧ୍ୟ ଡାକ୍ତରଙ୍କ ନିକଟରେ ନ ଲୁଚାଇ ନିଃସଙ୍କୋଚରେ ପ୍ରକାଶ କଲେ ଯାଇ ଏହାର ଚିକିତ୍ସା କରାଯାଇ ପାରିବ ବୋଲି ଡାକ୍ତର ପତି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଯୁଗଶ୍ରୀ ଯୁଗ ନାରୀର ସମ୍ପାଦିକା ମମତା ମହାପାତ୍ର ଏଥିରେ ସଭାପତିତ୍ୱ କରିବା ସହିତ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଆବାହକ ଯୋଗେନ ଚନ୍ଦ୍ରରଣା ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପତ୍ରିକାର ଉପଦେଷ୍ଟା ଗୀତାଞ୍ଜଳି ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ମାନସୀ ଦାସ, ଶାନ୍ତିଲତା ଦାସ, ଜ୍ୟୋସ୍ନା ଦାସ, ସୁକାନ୍ତି ମହାଳିକ, ତୁଳସୀ ମହାଳିକ, ଡ଼ଲି ମହାଳିକ, କଜ୍ଜନା ମହାଳିକ, ସଂଯୁ ମହାଳିକ, ଝିଲି ମହାଳିକ, ରଙ୍ଗି ମହାଳିକ, ଅନୁ ମହାଳିକ, ଲକ୍ଷ୍ମୀ ମହାଳିକ, ଶାନ୍ତିଲତା ମହାଳିକ, ପ୍ରତିମା ଦାସ, ଝୁନୀ ମହାଳିକ, ବିଳାସିନୀ ପୃଥାଳ, ଭାଗ୍ୟବତୀ ପୃଥାଳ, ଗଦାଧର ଦାସ, ରାଜକିଶୋର ରଣା, ରୁନୁ ବୁଗୁଡ଼ାଇ, ମାଳତୀ ବେହେରା, ଭାଗ୍ୟଶ୍ରୀ ପୃଥାଳ, ଅପରାଜିତା ମହାପାତ୍ର, ବସନ୍ତ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତାଙ୍କ ସହିତ ଶତାଧିକ ମହିଳା ଯୋଗ ଦେଇଥିଲେ । ଶେଷରେ ବିଷ୍ଣୁପ୍ରିୟା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀମନ୍ଦିରକୁ ଲାଲକିଲ୍ଲା ତାଜମହଲ ପରି ପ୍ରଦର୍ଶନୀ ସ୍ଥାନ କରାନଯାଉ

## ❑ଐତିହ୍ୟ କରିଡରକୁ ସେବାୟତଙ୍କ ବିରୋଧ
## ❑ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନଏମଏକୁ ଚିଠି

ପୁରୀ,୮।୨ (ନି.ପ୍ର): ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ଧାମକୁ ପ୍ରତିଦିନ ସାରା ବିଶ୍ୱରୁ ହିନ୍ଦୁ ଭକ୍ତମାନେ ଭାବର ଠାକୁର ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ଶ୍ରୀମନ୍ଦିର ରତ୍ନ ସିଂହାସନରେ ଭକ୍ତ ଓ ଭଗବାନଙ୍କ ହୋଇଥାଏ ମହାମିଳନ । ହିନ୍ଦୁ ଧର୍ମର ଚାରିଧାମରୁ ଏହା ଏକ ଅନ୍ୟତମ ଧାମ । ବିଶ୍ୱଐତିହ୍ୟ ନାମରେ ଶ୍ରୀମନ୍ଦିର ଚାରିପଟେ କାଗଜଫୁଲ ଗଛ, ପତ୍ର ଥିବା ଗଛ ଆଦି ଲଗାଇ ପାର୍କ କରିବା ଯୋଜନାକୁ ସେବାୟତ ମହଲରୁ ବିରୋଧ କରାଯାଇଛି । ଶ୍ରୀମନ୍ଦିର ମେଘନାଦ ପାଚେରୀ ଠାରୁ ୭୫ ମିଟର ପର୍ଯ୍ୟନ୍ତ ସୁରକ୍ଷା ଜୋନ୍ ପାଇଁ ଭଙ୍ଗାକାର୍ଯ୍ୟ ଚାଲିଛି । ଏତଦ୍ ବ୍ୟତୀତ ପୁଣି ୧୦୦ ମିଟର ଅଂଚଳକୁ କରିଡର ଜୋନରେ ନେବା ପାଇଁ କେନ୍ଦ୍ର ସରକାର କରିଥିବା ଯୋଜନାକୁ ବିଭିନ୍ନ ମହଲର ବିରୋଧ କରାଯାଇଛି । ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାତୀୟ ଐତିହ୍ୟ କର୍ତୃପକ୍ଷ ଜାରି କରିଥିବା ନୂତନ ବ୍ୟବସ୍ଥାବଳୀ ସମ୍ପର୍କରେ ପତ୍ରଦ୍ୱାରା ସେବାୟତଙ୍କ ଅସୁବିଧା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କିଶନ କୁମାର ଆଜି ପତ୍ର ଦ୍ୱାରା ଜଣାଇଛନ୍ତି । ଏହି ପତ୍ରରେ ଉଲ୍ଲେଖ ରହିଛି ଯେ, ଓଡିଶାର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ । ସେବାୟତମାନେ ଶ୍ରୀମନ୍ଦିର ପାଖରେ ରହି ପ୍ରଭୁଙ୍କ ସେବା କରିଥାନ୍ତି । ମନ୍ଦିର ଚାରିପଟେ ସେବାୟତଙ୍କ ବାସଗୃହ ରହିଛି । ପ୍ରଭୁଙ୍କ ସେବାନୀତି ଅନୁଯାୟୀ ସେବାୟତମାନେ ଶୀଘ୍ର ଶ୍ରୀମନ୍ଦିରକୁ ଆସିପାରୁଛନ୍ତି । ଏହି ଡ୍ରାଫ୍ଟ ନୋଟିଫିକେସନକୁ ପ୍ରତ୍ୟାହାର କରିବା ପାଇଁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି । ଏ ସମ୍ପର୍କରେ ସେବାୟତମାନଙ୍କ ପକ୍ଷରୁ ସିଂହଦ୍ୱାର ଠାରେ ଶ୍ରୀମନ୍ଦିର କରିଡରକୁ ଜଗନ୍ନାଥ ପାର୍କ ନକରି ଭକ୍ତ ଓ ଭଗବାନ ଦର୍ଶନ ପାଇଁ ସୁବିଧା କରିବା ପାଇଁ ଦାବି ହୋଇଛି । ଏହାସହ କୁମ୍ଭକାର ନିଯୋଗ ପକ୍ଷରୁ ମଧ୍ୟ ଏହି ନିର୍ଦ୍ଦେଶନାମାକୁ ବିରୋଧ କରାଯାଇଛି । ଏ ସମ୍ପର୍କରେ ସମ୍ପାଦକ ମହେନ୍ଦ୍ର ବିଶୋଇ ଗଣମାଧମକୁ ଜଣାଇଛନ୍ତି ।

# ଭୋଜି ଖାଇ ଅସୁସ୍ଥଙ୍କ ସଂଖ୍ୟା ୫୦୦ ଟପିଲା

କଣାସ,୮।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମପଚାଂୟତର ସହନା ଗ୍ରାମରେ ବିବାହ ଭୋଜି ଖାଇ ଅସୁସ୍ଥଙ୍କ ସଂଖ୍ୟା ୫୦୦ ଟପିଛି । ଅସୁସ୍ଥ ମାନେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଗତ ୫ ତାରିଖ ରାତିରେ ବିବାହ ଭୋଜି ଖାଇବା ପର ଠାରୁ ଅସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ୬ ତାରିଖ ସନ୍ଧ୍ୟା ସୁଦ୍ଧା ୪୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଡାକ୍ତରଙ୍କ ଠାରୁ ପ୍ରକାଶ । ଏହି ସଂଖ୍ୟା ପୁନଶ୍ଚ ୬ ତାରିଖ ରାତ୍ରରେ ବଢିବାକୁ ଲାଗିଥିଲା । ୬ ତାରିଖ ରାତ୍ରରେ ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ଡାକ୍ତରଙ୍କ ଠାରୁ ପ୍ରକାଶ । ଫଳରେ ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଟପିଥିବା ଜଣାପଡିଛି । ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା ଡାକ୍ତରଖାନାରେ ଉପସ୍ଥିତ ରହି ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝୁଛନ୍ତି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଏବଂ ପୁରୀରୁ ଆସିଥିବା ଡାକ୍ତରୀ ଦଳ ରୋଗୀମାନଙ୍କ ଚିକିତ୍ସାରେ ୨ଦିନ ହେଲା ଲାଗିରହିଥିବାରୁ ସ୍ଥିତି ନିୟନ୍ତ୍ରଣାଧିନ ରହିଛି ।

# ଭୁବନେଶ୍ୱର ଲୋକସଭା ପ୍ରଫେସନାଲ୍ସ କଂଗ୍ରେସର ପ୍ରଥମ ବୈଠକ

ଭୁବନେଶ୍ୱର,୮।୨ (ନି.ପ୍ର): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭୁବନେଶ୍ୱର ଲୋକସଭା ପ୍ରଫେସନାଲ୍ସ କଂଗ୍ରେସର ସଭାପତି ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରର କଳା କୃଷି ଆଇନ୍ ବିରୁଦ୍ଧରେ କୃଷକ ମାନଙ୍କର ଦୁର୍ବାର ଆନ୍ଦୋଳନକୁ ସମର୍ଥନ ପ୍ରକଟ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଏବଂ ସାମାଜିକ ସେବାରେ ନିୟୋଜିତ ଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କର ଏହି ବୈଠକରେ ସଂଗଠନର ଆଗାମୀ ଦିନରେ କାର୍ଯ୍ୟକ୍ରମ ଖସଡ଼ା ବାବଦରେ ଆଲୋଚନା ହୋଇଥିଲା । ସାମୁହିକଭାବେ ନିଜ ନିଜର ପରିସରରେ ମୋଦି ଓ ନବୀନ ସରକାରର ଭ୍ରଷ୍ଟାଚାର, ଦୁର୍ନିତି ଓ କୁଶାସନ ବିରୁଦ୍ଧରେ ଜନମତି ସୃଷ୍ଟି କରିବାପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ସଂଗଠନରେ ଅଧିକରୁ ଅଧିକ ସଭ୍ୟ ଯୋଗଦେବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବାକୁ ନିଷ୍ପତି ନିଆଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଏଆଇପିସି ସଂଗଠନର ରାଜ୍ୟ ସଂପାଦିକା ମନିଷା ନନ୍ଦ, ରାଜ୍ୟ ସଂଯୋଜକ ରଞ୍ଜିତ କୁମାର ମହାନ୍ତି, ସାସ୍ୱତ୍ ମହାନ୍ତି, ଜିଲ୍ଲା କଂଗ୍ରେସ ଲିଗାଲ ସେଲ୍ର ଅଧକ୍ଷ ମନୋଜ ନାୟକଙ୍କ ସମେତ ବହୁ ଜିଲ୍ଲା କଂଗ୍ରେସ ନେତା ଓ ବ୍ଲକ କଂଗେସ କମିଟିର ସଭାପତି ବୃନ୍ଦ ଯୋଗଦେଇଥିଲେ ।

# ଆଦିବାସୀ ମେଳାରେ ମନ ମୋହୁଛି ଜନଜାତି ଜୀବନର ବିରଳ ଫଟୋଚିତ୍ର

ଭୁବନେଶ୍ୱର,୮।୨ (ନି.ପ୍ର): ରାଜଧାନୀର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଜନଜାତି ଜୀବନର ମହାକୁମ୍ଭ ଆଦିବାସୀ ମେଳା ଆଜି ତ୍ରୟୋଦଶ ଦିବସରେ ପହଁଚିଥିବା ବେଳେ ରବିବାର ଛୁଟି ଥିବାରୁ ମେଳା ପରିସର ଲୋକାରଣ୍ୟ ହୋଇ ଉଠିଥିଲା । ପୂର୍ବାହ୍ନ ୧୧ଟାରୁ ଆଦିବାସୀ ପଡ଼ିଆର ଚାରିପଟୁ ଆଗ୍ରହୀ ଦର୍ଶକଙ୍କ ଲମ୍ବାଧାଡ଼ି ଛୁଟିଥିଲା ଏବଂ ପଞ୍ଜିକରଣ ପରେ ବିଭିନ୍ନ ଷ୍ଟଲ ବୁଲି ନିଜ ନିଜର ମନ ମୁତାବକ ଘରକରଣା ସାମଗ୍ରୀ କ୍ରୟ କରିବାକୁ ଭିଡ଼ ଜମିଥିଲା । ଏଥର ମେଳାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆଦିବାସୀ ଜନଜୀବନ ଉପରେ ଆଧାରିତ ଏକ ବିରଳ ଫଟୋଚିତ୍ରର ମଣ୍ଡପ । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଖୋଲାଯାଇଥିବା ଏହି ସୁଦୃଶ୍ୟ ମଣ୍ଡପରେ ରାଜ୍ୟର ୬୨ଟି ଆଦିବାସୀ ବର୍ଗର ସାମାଜିକ ଚଳଣୀ, ସାଂସ୍କୃତିକ ଜୀବନ, ପୋଷାକ ପରିଧାନ ଓ ଅଳଙ୍କାର ଆଦିର ଯେଉଁ ମନଲୋଭା ଫଟୋଚିତ୍ର ସ୍ଥାନିତ ହୋଇଛି, ତାହା ଦର୍ଶକମାନଙ୍କୁ କିଛି ମୁହୂର୍ତ ପାଇଁ ବାନ୍ଧି ରଖି ପାରୁଛି । ବିଶେଷ କରି ବଣ୍ଡା, ଗଦବା, ଦୁରୁଆ, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସଉରା ଆଦି ବର୍ଗର ଆଦିବାସୀ ନାରୀ ମାନେ ସେମାନଙ୍କର ପାରମ୍ପରିକ ପୋଷାକ ଓ ଗହଣା ଆଦି ପିନ୍ଧି ହାତକୁ ହାତ କାନ୍ଧକୁ କାନ୍ଧ ମିଳାଇ ପାରମ୍ପରିକ ନୃତ୍ୟଗୀତରେ ନିମଗ୍ନ ଥିବାର ଯେଉଁ ସବୁ ଫଟୋଚିତ୍ର ସ୍ଥାନ ପାଇଛି, ତାହାକୁ ସଂସ୍କୃତି ଓ ପରମ୍ପରାର ଏକ ଯୁଗଳବନ୍ଦୀ କହିଲେ ଭୁଲ୍ ହେବ ନାହିଁ । ନୃତ୍ୟ ବିଭୋର ଜନଜାତିର ସଂସ୍କୃତି ପ୍ରାଣତାର ସ୍ୱଷ୍ଟ ଚିତ୍ର ଏଥିରେ ପ୍ରତିଫଳିତ ହେଉଛି । ଆମ ରାଜ୍ୟର ଜନଜାତି ଆଜି ଦାରିଦ୍ର୍ୟ ଓ ଅନଗ୍ରସରତାର ଅମା ଅନ୍ଧକାର ମଧ୍ୟରୁ ବାହାରି ସଭ୍ୟତା ଓ ବିକାଶ ଆଡକୁ ଯେପରି ଦ୍ରୁତ ଅଗ୍ରସର ହେଉଛନ୍ତି, ତାହାର କେତେକ ସୁଦୃଶ୍ୟ ଫଟୋଚିତ୍ର 'ଜୀବନ ସ୍ରୋତରେ ଆମ ଜନଜାତି' ଶୀର୍ଷକ ବିଭାଗରେ ଦେଖିବାକୁ ମିଳୁଛି । ସେହିପରି 'ବିମଣ୍ଡିତ ବିବିଧତା' ଶୀର୍ଷକ ବିଭାଗରେ ଭିନ୍ନ ଭିନ୍ନ ବର୍ଗର ଜନଜାତିଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ସାଂସ୍କୃତିକ ପରମ୍ପରାର କେତେକ ଝଲକ୍ ପ୍ରତିଫଳିତ ହୋଇଛି । ରାଜ୍ୟର ଜନଜାତି ବର୍ଗର ପିଲାମାନଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିବାକୁ ସରକାର ସଂକଳ୍ପବଦ୍ଧ ପ୍ରୟାସ ଜାରି ରଖିଛନ୍ତି । ଆଦିବାସୀ ପିଲାମାନେ କିପରି ବହୁ ସଂଖ୍ୟାରେ ବିଦ୍ୟାଳୟ ପରିସରକୁ ଆସି ଅତି ଆଗ୍ରହର ସହିତ ପାଠପଢ଼ାରେ ସାମିଲ ହୋଇଛନ୍ତି, ତାହାର କେତେକ ଚିତ୍ର ମଣ୍ଡପରେ ସ୍ଥାନିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତୀତରେ ଆଦିବାସୀ ମେଳାକୁ ଆସିଥିବା ବେଳେ ଆଦିବାସୀ ଶିଶୁ ଓ ମହିଳାଙ୍କ ସହିତ କଟାଇଥିବା ବିଶେଷ ମୁହୂର୍ତର ଫଟୋ ଖୁବ୍ ଚିତାକର୍ଷକ ହୋଇଛି । ଜାତିର ଜନକ ମହାତ୍ମା ଗାନ୍ଧୀ ଦଳିତ ଓ ଆଦିବାସୀ ବର୍ଗର ସାମାଜିକ ଓ ଅର୍ଥନୈତିକ ବିକାଶକୁ ଜୀବନର ମୂଳମନ୍ତ୍ର ରୂପେ ଗ୍ରହଣ କରିନେଇଥିଲେ । ତେଣୁ ମଣ୍ଡପର ପ୍ରବେଶ ଦ୍ୱାର ନିକଟରେ ତାଙ୍କର ବଡ଼ ଚିତ୍ର ଶୋଭା ପାଉଛି । ଜଣେ ଗରିବ ଲୋକର କୁଡ଼ିଆ ଭିତରେ ଥିବା ଗାନ୍ଧୀଜୀଙ୍କ ଚିତ୍ରର ଠିକ୍ ତଳେ ଲେଖାଯାଇଛି ତାଙ୍କର ସେହି ଅମର ବାଣୀ- 'ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର ସାମଗ୍ରିକ ବିକାଶ ମୋ'ର ଅନ୍ୟ ଏକ ସଂକଳ୍ପ,' ଯାହା ଦର୍ଶକମାନଙ୍କୁ ବେଶ୍ ପ୍ରଭାବିତ କରୁଛି ।

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବିଦ୍ୟାଳୟଗୁଡିକରେ ସୋମବାରଠାରୁ ହେବ ପାଠପଢା ଆରମ୍ଭ

ଭୁବନେଶ୍ୱର ,୮।୨ (ନି.ପ୍ର): ପରିବର୍ତୀତ କୋଭିଡ଼ ଗାଇଡଲାଇନ ଅନୁଯାୟୀ ସୋମବାର ଠାରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିନରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକରେ ନବମ ଓ ଏକାଦଶ ଶ୍ରେଣୀର ପାଠପଢା କାର୍ଯ୍ୟ ନିୟମିତ ଭାବରେ ଆରମ୍ଭ ହେବ । ଶୁକ୍ରବାର ଦିନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆ ଯାଇଥିଲା । ମିଳିଥିବା ସୂଚନା ଅନୁସାରେ ମୁହଁରେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଏବଂ ସାନିଟାଇଜର ବ୍ୟବହାର କରିବା ବାଧତାମୂଳକ କରାଯାଇଛି । ସେହିପରି ବିଭାଗ ଅଧୀନରେ ଥିବା ହଷ୍ଟେଲଗୁଡିକ ମଧ ଆସନ୍ତା ୮ ତାରିଖରୁ କୋଭିଡ଼ ମାର୍ଗଦର୍ଶିକା ଭିତିରେ ଖୋଲିବ । ପତ୍ୟେକ ଛାତ୍ରଛାତ୍ରୀ, ହଷ୍ଟେଲ ପରିଚାଳକ ଓ କର୍ମଚାରୀ ଏହି ସୁରକ୍ଷା ନିୟମାବଳୀକୁ ଅନୁପାଳନ କରିବେ । ଆହୁରି ମଧ ପ୍ରକାଶ ଯେ, ବାଲେଶ୍ୱର, କଟକ, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର, ପୁରୀ, କନ୍ଧମାଳ, ସୁନ୍ଦରଗଡ ଏବଂ ଖୋର୍ଦ୍ଧା ଜିଲ୍ଲାରେ ଥିବା ୧୬ଟି ବିଦ୍ୟାଳୟ ଏବଂ ଭୁବନେଶ୍ୱରଠାରେ ଥିବା ଏକ ଉଚ୍ଚତର ମାଧମିକ ବିଦ୍ୟାଳୟକୁ ସାନିଟାଇଜ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ତତସହିତ ନିୟମିତ ରୂପେ ବିଦ୍ୟାଳୟ ଏବଂ ହଷ୍ଟେଲଗୁଡିକର ପରିଚାଳନା, ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଯାଂଚ କରିବା ଇତ୍ୟାଦି ବ୍ୟବସ୍ଥାକୁ କଡାକଡି ଅନୁପାଳନ କରିବା ପାଇଁ ସଂପୃକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି । ଏତଦବ୍ୟତୀତ ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ଦ୍ୱାରା କୋଭିଡ଼ ନିୟମର ଅନୁପାଳନ ସମ୍ପର୍କିତ ବ୍ୟବସ୍ଥାକୁ ଯାଂଚ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

# କଣାସରେ ସର୍ବଭାରତୀୟ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ

କଣାସ,୮।୨ (ନି.ପ୍ର):ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କଣାସ ଗୋଲାବଜାର ଖେଳପଡିଆରେ ଆଜି ନବମ ବାର୍ଷିକ ମନୋରଞ୍ଜନ ସ୍ମାରକି ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଂଚଳିକ କ୍ରିଡ଼ା ଓ ସଂସ୍କୃତି ପରିଷଦ କଣାସ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଶାଖାପାଟନମ ରେଲୱାଇ, ହାରିୟାନା, ତ୍ରିଭେନୀ, ଇସିଲାମି କ୍ଲବ ଚଣ୍ଡିଗଡ, ଛତିଶଗଡ ପୋଲିସ୍, ଏ.କେ.ଏସ୍.ପି କଣାସ ଯୋଗଦେବେ । ଏହି ପ୍ରତିଯୋଗିତା ଉପଭୋଗ କରିବା ପାଇଁ ଅଧିକ ସଂଖ୍ୟାରେ ଦର୍ଶକ ଯୋଗଦେବାକୁ ଆୟୋଜକ ଅନୁରୋଧ କରିଛନ୍ତି ।

# କାର୍ ସହ ୨୧ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

କନ୍ଧମାଳ,୮।୨ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀସ୍ଥିତ ଏଫସିଆଇ ଛକ ନିକଟରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ସାଂଟ୍ରୋ କାର୍ ରୁ ୨୧ କେଜି ଗଞ୍ଜେଇ ଜବତ କରାଯାଇଛି । ଘଟଣା ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ ଗଞ୍ଜେଇ ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ବିଭାଗ ପକ୍ଷରୁ ଏଫସିଆଇ ଛକ ଠାରେ ଅବକାରୀ ଇନ୍ସପେକ୍ଟର ଅଜୟ ବେହେରା ସଦଳବଳେ ସେଠାରେ ଉପସ୍ଥିତ ରହି ଗାଡି ମୋଟର ଯାଂଚ୍ କରିଥିଲେ । ଯାଂଚ୍ ବେଳେ ଏହି କାର୍‌ରୁ ଗଞ୍ଜେଇ ଜବତ ହୋଇଥିଲା । ୨୧ କେଜି ଗଞ୍ଜେଇ ସହ କାର୍‌କୁ ବିଭାଗ ପକ୍ଷରୁ ଜବତ କରାଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ଘଟଣାରେ କାର୍ ଚାଳକ ଟିକାବାଲି ଥାନା ଅନ୍ତର୍ଗତ ଗୁମାଗଡ଼ ପଚାଂୟତ କଟିମାହା ଗ୍ରାମର ବିକୁନ ଦିଗାଲକୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୧୮/ ୨୧ ରେ ରୁଜ୍ଜୁ ହୋଇଛି । ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।

# ୧୯୯୧ ମାଟ୍ରିକ ବ୍ୟାଚ ପ୍ରୟାସ ତରଫରୁ ସଡକ ସୁରକ୍ଷା ସଚେତନତା ଶିବିର

ଭୁବନ, ୦୭ ଫେବୃୟାରୀ (ହି.ସ.)- ଭୁବନ ଉଚ୍ଚ ବିଦ୍ୟାଳୟ ୧୯୯୧ ମସିହା ମାଟ୍ରିକ ବ୍ୟାଚ 'ପ୍ରୟାସ' ତରଫରୁ ଆଜି ୫୩ ନମ୍ବର ଜାତୀୟ ରାଜପଥ କାଳୀବଜାର ଠାରେ ସଡକ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ୧୯୯୧ ବ୍ୟାଚ ସଭାପତି ବସନ୍ତ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ଥାନା ଏସଆଇ ଧିରେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟ ଅତିଥି,ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ମୁଖ୍ୟବକ୍ତା,ଏଏସଆଇ ନୀଳକଣ୍ଠ ପାତ୍ର,ପ୍ରଭାତ କୁମାର ନାୟକ,କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୧୯୯୧ ମାଟ୍ରିକ ବ୍ୟାଚ ତରଫରୁ ଅନୁଷ୍ଠିତ ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଦୁଇ ଚକିଆ ଗାଡି ଚାଳକ ଓ ସହଯାତ୍ରୀ ସର୍ବଦା ହେଲମେଟ ବ୍ୟବହାର କରିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନକରିବା, ମଦ୍ୟପାନ କରି ଗାଡି ନଚଳାଇବା ଏବଂ ଚାରିଚକିଆ ଗାଡିଚାଳକ ସିଟବେଲ୍ଟ ବ୍ୟବହାର କରିବା ସଂପର୍କରେ ଆଲୋକପାତ କରିଥିଲେ । ସଂପାଦକ ସୁଶାନ୍ତ କୁମାର ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ହେଲମେଟ ପିନ୍ଧିଥିବା ବାଇକ ଆରୋହୀ ମାନଙ୍କୁ ଗୋଲାପ ଫୁଲ ଦିଆଯାଇଥିବା ବେଳେ ବିନା ହେଲମେଟରେ ଗାଡି ଚଳାଉଥିବା ଆରୋହୀଙ୍କୁ ସଚେତନ କରାଯିବା ସହିତ ଲିଫଲେଟ ବଣ୍ଟନ ଓ ହେଡଲାଇଟ ରେ ଷ୍ଟିକରିଙ୍ଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ପୋଥାଳ,ଚୈତନ୍ୟ ସାହୁ,କ୍ଷୀରୋଦ ପୃଷ୍ଟି,ପ୍ରଶାନ୍ତ ସାହୁ,ସୁଶାନ୍ତ ସେନାପତି,ଟୁନାକର ସାହୁ,ଧରଣୀଧର ମହାପାତ୍ର,ରବୀନ୍ଦ୍ର ବେହେରା,ସୁବାସ ଦାସ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# କଳାକୃଷି ଆଇନ ପ୍ରତ୍ୟାହାର ଦାବିରେ କିଷାନ କଂଗ୍ରେସର ଚାଷୀ ମହାପଂଚାୟତ ବସିଲା

## ■ଏଆଇସିସି ସଂପାଦକଙ୍କ ଭୁବନ ମଣ୍ଡି ପରିଦର୍ଶନ
## ■ଚାଷୀଙ୍କ ଅଭିଯୋଗ ଯଥାର୍ଥ ସରକାର ଚାଷୀଙ୍କଠାରୁ ସବୁ ବଳକା ଧାନ କିଣନ୍ତୁ

ଭୁବନେଶ୍ୱର,୮।୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ପ୍ରଣିତ ତିନୋଟି କଳା କୃଷି ଆଇନର ପ୍ରତ୍ୟାହାର ପାଇଁ ଦେଶବାସୀ ଚାଷୀ ଆନ୍ଦୋଳନକୁ କଂଗ୍ରେସ ନୈତିକ ସମର୍ଥନ କରିବା ସହିତ ଏହି ଆଇନର ତୁରନ୍ତ ପ୍ରତ୍ୟାହାର କରନ୍ତୁ । କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରର ଚାଷୀ ମାରଣ ନୀତି ବିରୁଦ୍ଧରେ ଆଜି ଢ଼େଙ୍କାନଳ ଜିଲ୍ଲାର ଭୁବନ ନିକଟବର୍ତୀ ରାମକୃଷ୍ଣପୁରଠାରେ ପିସିସି କିଷାନ କଂଗ୍ରେସ ଆହ୍ୱାନ କ୍ରମେ ଢ଼େଙ୍କାନାଳ ଜିଲ୍ଲା କିଷାନ କଂଗ୍ରେସ ସଭାପତି ବିପ୍ରବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚାଷୀ ମହାପଂଚାୟତ ଅନୁଷ୍ଠିତ ହୋଇଯାଇଛି । ଏହି ଚାଷୀ ମହାପଂଚାୟତକୁ ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ତଥା ଓଡ଼ିଶା ସହ ପ୍ରଭାରୀ ଜି. ରୁଦ୍ର ରାଜୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଆଗାମି ଦିନରେ ରାଜ୍ୟର ସମସ୍ତ ଜିଲ୍ଲା ସ୍ତରରେ ଚାଷୀ ମହା ପଂଚାୟତ ଅନୁଷ୍ଠିତ କରାଯାଇ ଉଭୟ ବିଜେପି ଓ ବିଜେଡ଼ି ସରକାରଙ୍କ କୃଷି ଓ କୃଷକ ବିରୋଧରେ ତୀବ୍ର ପ୍ରତିବାଦ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଆଜି ଏପରି ଦେଶର ଅନ୍ନଦାତା ମାନଙ୍କୁ ନରେନ୍ଦ୍ର ମୋଦି ସରକାର ଭର୍ଣ୍ଡି ଚାଲିଛନ୍ତି । ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ଏହି ସରକାର ଚାଷୀଙ୍କ ସ୍ୱାର୍ଥର ନୁହେଁ ବରଂ ପୁଞ୍ଜିପତିଙ୍କ ସ୍ୱାର୍ଥରେ । ଏହାର ଜ୍ୱଳନ୍ତ ଉଦାହରଣ ଦୀର୍ଘ ୭୪ ଦିନ ହେଲା ଶୀତ କାକରରେ ରହି ଚାଷୀ ସଂଘଠନ ଗୁଡ଼ିକ କଳା କୃଷି ଆଇନ ପ୍ରତ୍ୟାହାର ପାଇଁ ଦାବି କରିଥିବା ବେଳେ ସରକାର ଏଥିପ୍ରତି ଆଖି ବୁଜି ଦେଇଥିବା ଏକ ଦୁଭାର୍ଗ୍ୟର ବିଷୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ ପଟ୍ଟନାୟକ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମ କୋର୍ଟ ନୂତନ କୃଷି ନୀତି ସଂପର୍କରେ ଚାଷୀ ସଂଗଠନ ସହିତ ଯୁକ୍ତିଯୁକ୍ତ ଆଲୋଚନା କରିନଥିବା ଯୋଗୁଁ ଭର୍ସନା କରିଥିଲେ । ନିଜେ ପ୍ରଧାନ ମନ୍ତ୍ରୀ ଦୁଇ ଦୁଇଟି ସାଧାରଣ ନିର୍ବାଚନରେ ସ୍ୱାମୀନାଥନଙ୍କ ସୁପାରିଶ ଆଧାରରେ କୃଷିଯାତ ଦ୍ରବ୍ୟର ଦେଢ଼ାଗୁଣା ମୂଲ୍ୟ ବୃଦ୍ଧି କରିବା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ । ଏହି କଳା ଆଇନକୁ ପ୍ରତ୍ୟାହାର କରିବା ସହ ଏମ୍‌ସ୍‌ପିରେ ଆଇନଗତ ଗ୍ୟାରେଂଟିର ବ୍ୟବସ୍ଥା କରିବା ସହ ରାଜ୍ୟ ସରକାର ଦୋମୁହାଁ ନୀତି ଅବଲମ୍ବନ ନ କରି ଚାଷୀଙ୍କର ସମସ୍ତ ବଳକାଧାନ କିଣନ୍ତୁ ଓ ଧାନ କ୍ୱୁଂଟାଲ ପିଛା ଏମଏସ୍‌ପିରେ ୫୦୦ଟଙ୍କା ବୋନସ ଦିଅନ୍ତୁ ବୋଲି ଦାବି କରିଥିଲେ । ଏହି ଚାଷୀ ପଂଚାୟତରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ଢ଼େଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ରାଜ୍ୟ କିଷାନ କଂଗ୍ରେସ ଉପାଧକ୍ଷ ଉମେଶ ସାହୁ ଏବଂ ବିଭିନ୍ନ ବ୍ଲକର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

# ପାଣିକୋଇଲିରେ ବ୍ୟାଡ୍‌ମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କୋରେଇ,୮।୨ (ନି.ପ୍ର): ପାଣିକୋଇଲି ବ୍ୟାଡ୍‌ମିଂଟନ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଂଟନ ଟୁର୍ଣ୍ଣମେଂଟ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ପାଣିକୋଇଲି ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଂଟରେ ରାଜ୍ୟ ବିଭିନ୍ନ ଜିଲ୍ଲାରୁ ୧୬ଟି ଟିମ୍ ଭାଗ ନେଇଛନ୍ତି । ଆଜିର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯାଜପୁର ଏସପି ରାହୁଲ ପିଆର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ଆସୋସିଏସନର ସଭାପତି ସମାଜସେବୀ କେଶବ ରାଓ ଭୁକ୍ତା, ଡା. ହିମାଂଶୁ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜକ ନିମାଁଇ ମଲ୍ଲିକ, ଅବଦୁଲ ଜବାର ଖାଁ, କାର୍ତିକ ମଲ୍ଲିକ, ରମେଶ ଚନ୍ଦ୍ର ପଣ୍ଡା ଆଶିଷ ସାମଲ, ଗଦାଧର ଓଝା, ସେକ୍ ସେଖାଓ୍ୱତ ଅଲ୍ଲୀ, ଶ୍ରୀକାନ୍ତ ରାୟ, ଦାମୋଦର ସାହୁ, ବ୍ରଜ ବିହାରୀ ସାହୁ, ସୁନୀଲ କୁମାର ନାୟକ, ବିରଂଚି ନାରାୟଣ ପରିଡ଼ା, ଜ୍ୟୋତି ପ୍ରକାଶ ବିଶ୍ୱାଳ, ସ୍ମୃତିରଞ୍ଜନ ମହାପାତ୍ର, ଦିଲ୍ଲୀପ କୁମାର ଦାସ, ଅଭିରାମ ମହୀ, ପୂର୍ଣ୍ଣଚନ୍ଦ୍ର ସାହୁ, ସେକ୍ ସେଖାଓ୍ୱତ ଅଲ୍ଲୀ, ସନ୍ତୋଷ କୁମାର ସାହୁ, ରକି ମଲ୍ଲିକ, ସେକ ଜହର ଅଲ୍ଲୀ, ସତ୍ୟ ପ୍ରକାଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଜ୍ଞାନ ରଂଜନ ଘଡାଇ ଧାରାବିବରଣୀ ପ୍ରଦାନ କରିଥିଲେ ।

# ମୁକ୍ତିମଣ୍ଡପ ଚୟନ କମିଟିକୁ ଶାସନୀ ପଣ୍ଡିତଙ୍କ ବିରୋଧ

ପୁରୀ,୮।୨ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ମୁକ୍ତିମଣ୍ଡପ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କମିଟି ସ୍ୱତଲିପି ଅନୁସାରେ ହୋଇନାହିଁ ବୋଲି ଶାସନୀ ବ୍ରାହ୍ମଣମାନେ ଏହାକୁ ବିରୋଧ କରିଛନ୍ତି । ଏ ସମ୍ପର୍କରେ ଆଜି ଝାଡୁଆଣୀ ଲାଇବ୍ରେରୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି କମିଟି ସ୍ୱତଲିପି ଅନୁସାରେ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି । ସେମାନେ ଦର୍ଶାଇଛନ୍ତି, ୨୪ ଶାସନର ବ୍ରାହ୍ମଣମାନେ କିମ୍ବା ମୁକ୍ତିମଣ୍ଡପ ତରଫରୁ ଏହି କମିଟି କରାଯାଇନାହିଁ । ଏହି କମିଟି ଏକ ଆତ୍ମ ଘୋଷିତ ବେଆଇନ କମିଟି ବୋଲି ପଣ୍ଡିତମାନେ ଅଭିଯୋଗ କରିଥିଲେ । ମୁକ୍ତିମଣ୍ଡପ ପଣ୍ଡିତ ସଭାର କର୍ମକର୍ତାଙ୍କ କାର୍ଯ୍ୟକାଳ ଅବଧି ଏପ୍ରିଲ ୨୦୨୦ରୁ ଶେଷ ହୋଇଯାଇଛି । ଏହି କମିଟି ପୁଣି ବସି ନିଷ୍ପତି ନେବା ବେଆଇନ ବୋଲି ପଣ୍ଡିତମାନେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୂର୍ବତନ ମୁଖ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର, ବରିଷ୍ଠ ସଦସ୍ୟ ସୂର୍ଯ୍ୟନାରାୟଣ ରଥ, ପଣ୍ଡିତ ରବି ନାରାୟଣ ମିଶ୍ର, ଲିଙ୍ଗରାଜ ନନ୍ଦ, ଭବାନୀ ଶଙ୍କର ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ହରିହର ରଥ ଓ ଅନ୍ୟ ପଣ୍ଡିତମାନେ ଉପସ୍ଥିତ ଥିଲେ ।

## ଚଟପଟା ଫ୍ରାଏଡ୍ ମୋମୋଜ୍



**ଆବଶ୍ୟକ ସାମଗ୍ରୀ:**
ମଇଦା, ବନ୍ଧା କୋବି, ଗାଜର, କ୍ୟାପ୍‌ସିକମ୍, ଧନିଆ ପତ୍ର, ତେଲ, କଞ୍ଚା ଲଙ୍କା, ଅଦା, ଲୁଣ, ଦହି, ବେସନ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ବଟର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ମଇଦାରେ ଅଳ୍ପ ତେଲ ଓ ପାଣି ମିଶାଇ ଭଲକରି ଦଳି ଦିଅନ୍ତୁ। ନରମ ହେବା ଲାଗି ଏହାକୁ ୨୦ ରୁ ୨୫ ମିନିଟ୍ ଓଦା କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏବେ ବନ୍ଧା କୋବି, ଗାଜର, କ୍ୟାପ୍‌ସିକମ୍, ଅଦା ଓ ଧନିଆ ପତ୍ରକୁ ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ। ଲୁଣ ଓ କଟା କଞ୍ଚା ଲଙ୍କାକୁ ଏହି ପରିବାରେ ମିଶାନ୍ତୁ।

ଏହାପରେ ଚକଟା ହୋଇ ରଖା ଯାଇଥିବା ମଇଦାରେ ଛୋଟ ଛୋଟ ଗୁଳା ତିଆରି କରି ବେଲନ୍ତୁ ଓ ପରିବାକୁ ଏହା ଭିତରେ ପୂର ଭଳି ଦିଅନ୍ତୁ। ଏହାକୁ ନିଜ ମନ ପସନ୍ଦର ଆକୃତି ଦେଇ ଚାରିପଟୁ ବନ୍ଦ କରି ଦିଅନ୍ତୁ।

ଏବେ ଆଉ ଏକ ପାତ୍ରରେ ଦହି ଓ ବେସନର ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲହୁଣୀ ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ମୋମୋ ଗୁଡ଼ିକୁ ଏହି ଘୋଳରେ ବୁଡ଼ାନ୍ତୁ ଓ କଡ଼େଇରେ ତେଲ ଗରମ କରି ଛାଣନ୍ତୁ। ଗୋଲଡେନ ବ୍ରାଉନ୍ ହେବା ଯାଏ ମୋମୋଗୁଡ଼ିକୁ ତେଲରେ ରଖନ୍ତୁ। ତା'ପରେ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ଫ୍ରାଏଡ୍ ମୋମୋଜ୍। ଏହାକୁ ଲଙ୍କା ଚଟଣୀ ଓ ମେଓନିଜ୍ ସହିତ ଗରମ ଗରମ ପରଷନ୍ତୁ।



## କେଶ ଝଡ଼ିବା କମ୍ କରେ ପେଜ



ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେ। ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ।

- ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।
- ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।
- କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।
- ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁ। ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

## ଘର ସଫା କରିବା ପାଇଁ ଆପଣାନ୍ତୁ ୪ଟି ସହଜ ଟିପ୍ସ

**ସମସ୍ତେ ନିଜ ଘରକୁ ସଫାସୁତୁରା ରଖିବାକୁ ଚାହିଁଥା'ନ୍ତି। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ସମୟ ବାହାର କରିବା କଷ୍ଟକର ହୋଇପଡ଼େ। ଏଣୁ ଅଧିକାଂଶ ଲୋକ ସପ୍ତାହକୁ ଥରେ ଘର ସଫା କରିଥା'ନ୍ତି। ତେବେ ଆଜି ଆମେ ଆପଣଙ୍କୁ ଘର ସଫା କରିବା ପାଇଁ କିଛି ସହଜ ଉପାୟ ବତାଇବୁ। ଏହା ଦ୍ୱାରା ଆପଣ ଖୁବ୍ କମ୍ ସମୟରେ ଘର ସଫା କରିପାରିବେ।**

- ସର୍ବଦା ଗୋଟିଏ ରୁମ୍‌ରୁ ହିଁ ସଫା କରିବା କାର୍ଯ୍ୟ ଆରମ୍ଭ କରନ୍ତୁ। ପ୍ରଥମେ ଝରକା ଓ କବାଟରେ ଥିବା ଧୂଳିକୁ ସଫା କରିନିଅନ୍ତୁ। ଏହାପରେ ଘରର ଚଟାଣ ସଫା କରିନିଅନ୍ତୁ। ୩୦ ମିନିଟ୍ ମଧ୍ୟରେ ଏସବୁ କରିବା ପାଇଁ ଚେଷ୍ଟା କରନ୍ତୁ।
- ଡଷ୍ଟବିନ୍ ଭିତରେ ପୁରୁଣା ନ୍ୟୁଜ୍ ପେପର୍ସ ରଖନ୍ତୁ। ଏହାଦ୍ୱାରା ଡଷ୍ଟବିନ୍‌ରେ କୌଣସି ଅଳିଆ ଲାଗିବ ନାହିଁ। ଏଣୁ ତାହା ଅସନା ହେବ ନାହିଁ କି ସେଥିରୁ ଦୁର୍ଗନ୍ଧ ବାହାରିବ ନାହିଁ।
- ଯଦି ପାଖରେ ଓ୍ୱିଣ୍ଡୋ



ଭାକ୍ୟୁମ୍ କ୍ଲିନ୍ର ନାହିଁ, ତେବେ ବାସନ ଧୋଉଥିବା ଲିକ୍ୱିଡ୍‌ରେ ପାଣି ମିଶାଇ ଝରକା ସଫା କରନ୍ତୁ। ଦେଖିବେ ଝରକା ପୂର୍ବ ପରି ଚମକି ଉଠିବ।

- ଟବ୍ ଓ ବେସିନ୍‌କୁ ଭଲ ଭାବରେ ସଫା କରିବା ପାଇଁ ବାଥରୁମ୍ କ୍ଲିନ୍ର ପକାଇ ୧୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ସଫା କରିନିଅନ୍ତୁ।

## ଘରେ ଔଷଧ ଖାଇବା ପୂର୍ବରୁ....

- ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।
- ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



## ପ୍ରାଚୀନ ସଭ୍ୟତାର ସ୍ମାରକୀ: ବିକ୍ରମଖୋଲ



**ରାଜ୍ୟର ପର୍ଯ୍ୟଟନ ଇତିହାସରେ ଏକ ପରିଚିତ ନାମ 'ବିକ୍ରମଖୋଲ'। ଏଠାରୁ ଆବିଷ୍କୃତ ଶିଳାଲିପି ଐତିହାସିକ, ଗବେଷକଙ୍କୁ ଆକର୍ଷିତ କରୁଥିବା ବେଳେ ବିକ୍ରମ ପାହାଡ଼ ଓ ଗୁମ୍ଫାର ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିଶେଷତ୍ୱକୁ ବୃଦ୍ଧି କରୁଛି। ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରେ ଅବସ୍ଥିତ ବିକ୍ରମ ପାହାଡ଼। ପାହାଡ଼ର ଏକ ଗୁମ୍ଫାରେ ଖୋଦିତ ପ୍ରାଚୀନ ଶିଳାଲିପି ସର୍ବପ୍ରଥମେ ୧୯୨୪ ମସିହାରେ ଆବିଷ୍କୃତ ହୋଇଥିଲା। ପରେ ୧୯୭୨ମସିହାରେ ପ୍ରଖ୍ୟାତ ଭାରତୀୟ ଲିପିତତ୍ତ୍ୱବିତ୍ ଗବେଷକ କେ.ପି ଜୟଶ୍ୱାଲ ଏହାକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରିଥିଲେ।**

- ପ୍ରସ୍ତର ଦେହରେ ଖୋଦିତ ଏହି ଲିପି କେଉଁ କାଳରୁ, ତାହା ଏଯାଏଁ ସ୍ପଷ୍ଟ ହୋଇନଥିଲେ ହେଁ ଏହା ସିନ୍ଧୁ ସଭ୍ୟତାକାଳୀନ ଲିପି ଏବଂ ପରିବର୍ତ୍ତୀ କାଳରେ ବିକଶିତ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଯୁଗର ବୋଲି ବିଶ୍ୱାସ କରାଯାଏ। ବେଲପାହାଡ଼ଠାରୁ ଲଖନପୁର ପର୍ଯ୍ୟନ୍ତ ଲମ୍ବିଥିବା ବିକ୍ରମ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥଳରୁ ସୃଷ୍ଟି ହୋଇଥିବା ଶାଖା ପାହାଡ଼ରୁ ବହିଯାଉଛି ଆମ୍ବଝରଣା ନାମକ ଏକ ସୌନ୍ଦର୍ଯ୍ୟଭରା ଝରଣା। ବିକ୍ରମଖୋଲ ଗୁମ୍ଫାର ଦୈର୍ଘ୍ୟ ପ୍ରାୟ ୧୧୫ ମିଟର ଓ ପ୍ରସ୍ଥ ୨୮ ଫୁଟ୍। ଗୁମ୍ଫା ଦେହରେ ଖୋଦିତ ଶିଳାଲିପି ବ୍ୟତୀତ ରହିଛି ବନ୍ୟଜନ୍ତୁଙ୍କ ଅସ୍ପଷ୍ଟ ଚିତ୍ର।
- ଗୁମ୍ଫାର ଶୀର୍ଷରେ ପ୍ରାୟ ୮ଫୁଟ ଓସାର ଓ ୩୫ଫୁଟ ଲମ୍ବର ବିସ୍ତୃତ ପ୍ରସ୍ତର ଖଣ୍ଡେ ରହିଛି। ଏହା ଗୁମ୍ଫାର ଛାତ ସଦୃଶ ଦୃଶ୍ୟମାନ ହୋଇଥାଏ। ଗୁମ୍ଫାର ଏହି ପ୍ରାକୃତିକ ଛାତ ତଳେ ସେ ସମୟରେ ଲୋକମାନେ ବାସପୋଯୋଗୀ ସୁରକ୍ଷା ପାଉଥିବା ଅନୁମାନ କରାଯାଏ। ଗୁମ୍ଫାର ପ୍ରସ୍ତର ଚଟାଣ ଶଯ୍ୟାରେ ରହିଥିବା କେତେକ ବର୍ଗାକାର ଗର୍ତ୍ତ ଖାଦ୍ୟଶସ୍ୟ ରଖିବା, କୁଟିବା ଆଦିରେ ବ୍ୟବହୃତ ହେଉଥିବା ବିଶ୍ୱାସ କରାଯାଏ।
- ବିକ୍ରମଖୋଲ ଗୁମ୍ଫାର ଅନିତ ଦୂରରେ ମହେଶ୍ୱର ପାହାଡ଼ରେ 'ଉଷାକୁଟୀ' ନାମକ ପର୍ବତ୍ୟ ଗୁମ୍ଫା ରହିଛି। ଯେଉଁଥିରେ କେତେକ




ପ୍ରାଚୀନ ଶିଳାଲିପି ଓ ଅସ୍ପଷ୍ଟ ଚିତ୍ର ଦୃଶ୍ୟମାନ। ଏହାକୁ ଲାଗି ଉଲାପଗଡ଼ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି। ମାଲିକଗୁଣ୍ଡା, ଚିତରାଖୋଲ ପ୍ରଭୃତ ଗୁମ୍ଫା ଗୁଡିକରେ ବନ୍ୟଜନ୍ତୁଙ୍କ ଚିତ୍ର ଦେଖିବାକୁ ମିଳେ।

- ଝାରସୁଗୁଡ଼ା ଜିଲ୍ଲାର ଏହି ବଣପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅତୀତର କୃଷି କର୍ମ, ପଶୁ ଶିକାର ସହ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଏକ ସମୃଦ୍ଧ ମଣିଷ ସମାଜ ବସବାସ କରି ରହିଥିବା ଏଠାରୁ ଆବିଷ୍କୃତ ଶିଳାଲିପି ଓ ଚିତ୍ରରୁ ସୁସ୍ପଷ୍ଟ। ଏକ ସ୍ୱତନ୍ତ୍ର ଭାଷା ଓ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ଯାହାକି ବର୍ତ୍ତମାନ ସୁଦ୍ଧା ଐତିହାସିକ ଓ ଗବେଷକମାନେ କେଉଁ କାଳର ତାହା ସ୍ପଷ୍ଟ କରି ନାହାନ୍ତି।
- ଐତିହାସିକ ସ୍ୱାକ୍ଷର ବହନ କରି ଆସୁଥିବା ଏହି ବିକ୍ରମଖୋଲ ଗୁମ୍ଫା ୧୯୫୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଛି।





## ତ୍ୱଚାର ଚମକ ଫେରାଇ ଆଣିବାର ଉପାୟ

**ପ୍ରାୟ ସମସ୍ତେ ଚାହାନ୍ତି ଯେ ତାଙ୍କ ତ୍ୱଚାରେ ସବୁବେଳେ ଚମକ ରହୁ। ହେଲେ ବଦଳୁଥିବା ଋତୁର ପ୍ରଭାବରେ ଆମ ତ୍ୱଚାର ନମନୀୟତା ନଷ୍ଟ ହୋଇଥାଏ। ଫଳରେ ସୁନ୍ଦର ଚେହେରା ସ୍ୱପ୍ନ ପାଲଟିଯାଏ। ଆଜି ଆମେ ଆପଣଙ୍କୁ ଏପରି କିଛି ଉପାୟ କହିବୁ ଯାହାକୁ ଆପଣେଇଲେ ଆପଣଙ୍କ ଚେହେରା ଜହ୍ନ ପରି ଚମକିବ।**



### ପାଣି ପିଅନ୍ତୁ:
ଅନେକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ପରେ ମଧ୍ୟ ଆପଣଙ୍କ ଚେହେରାରେ କ୍ଲାନ୍ତପଣ ଦେଖାଯାଏ। ତେଣୁ ଯଦି ଆପଣ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆପଣଙ୍କ ତ୍ୱଚାରେ ଏକ ପ୍ରାକୃତିକ ଚମକ ଚାହୁଁଛନ୍ତି, ତେବେ ଆପଣଙ୍କୁ ରାତିରେ ବହୁତ ଛୋଟ କାମ କରିବାକୁ ପଡ଼ିବ। ପ୍ରତ୍ୟେକଦିନ ରାତିରେ ଶୋଇବାର ଅଧ ଘଣ୍ଟା ପୂର୍ବରୁ ୧ଗ୍ଲାସ ପାଣି ପିଅନ୍ତୁ।

### ଗାଜର ଖାଆନ୍ତୁ:
ଖାଦ୍ୟରେ ଗାଜରକୁ ସାମିଲ କରନ୍ତୁ। ଏଥିରେ ଭିଟାମିନ୍ କେ, ସି, ଇ, ଏ ଏବଂ ବି ପ୍ରଚୁର ପରିମାଣରେ ରହିଥାଏ। ଯାହା ଫଳରେ ଏହାକୁ ଖାଇଲେ ଚର୍ମରେ ଥିବା ମୃତ କୋଷଗୁଡିକ ଦୂର ହୋଇଯାଏ।

### ହଳଦି କ୍ଷୀର ପିଅନ୍ତୁ:
ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ହଳଦି କ୍ଷୀର ପିଅନ୍ତୁ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ରକ୍ତ ସଫା କରି ଦେଇଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ସ୍କିନ୍ ?ରେ ଗ୍ଲୋ ଆସିଥାଏ।

### କ୍ଷୀର ଲଗାନ୍ତୁ:
କ୍ଷୀର ଆମ ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ଏଥିରେ ଥିବା ଲାକ୍ଟିକ ଏସିଡ୍ ଆମ ଚିହେରାରେକୁ ଉଜ୍ଜ୍ୱଳ କରିଥାଏ। ଅଳ୍ପ କଞ୍ଚା କ୍ଷୀରରେ ମହୁ ମିଶାଅ ଏହାକୁ ମୁହଁରେ ଫେସପ୍ୟାକପରି ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ। ଏହାଦ୍ୱାରା ବ୍ରଣର ସମସ୍ୟା ସଂପୂର୍ଣ୍ଣ ଦୂର ହୋଇଥାଏ।

### ଆଭୋକାଡୋ ଖାଆନ୍ତୁ:
ତ୍ୱଚା ପାଇଁ ଆଭୋକାଡୋ ହେଉଛି ସର୍ବୋତ୍ତମ ଖାଦ୍ୟ, କାରଣ ଏହା ତ୍ୱଚାକୁ ସୁସ୍ଥ ଏବଂ ଚିକ୍କଣ ରଖିବାରେ ସାହାଯ୍ୟ କରେ। ଏଥିରୁ ଅନେକ ପ୍ରକାରର ପ୍ରାକୃତିକ ଫେସ୍ ?ପ୍ୟାକ୍ ଏବଂ ମାସ୍କ ତିଆରି କରାଯାଇପାରିବ। କେବଳ ଏତିକି ନୁହେଁ, ଆପଣ ଏହାକୁ ନିଜ ଖାଦ୍ୟରେ ମଧ୍ୟ ସାମିଲ୍ କରିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରକୃତିର ତାଣ୍ଡବ...

କରୋନା ମହାମାରୀ ବିରୋଧରେ ଏବେ ଭାରତର ଲଢ଼େଇ ନିର୍ଣ୍ଣାୟକ ଅବସ୍ଥାରେ ପହଂଚିଥିବା ବେଳେ, ରବିବାର ଦିନ ସକାଳେ ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲା ବରଫ ଅତଡ଼ା ଧସିବା ଫଳରେ ଧଉଳୀଗଙ୍ଗା ନଦୀରେ ହଠାତ୍ ବନ୍ୟା ଆସି ପ୍ରାୟ ୧୫୦ଜଣଙ୍କ ପ୍ରାଣହାନୀ ଘଟାଇଥିବା ଖବର ସମସ୍ତଙ୍କୁ ଚମକାଇ ଦେଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଶତାଧିକ ଲୋକ ନିଖୋଜ ହୋଇଥିବା ସୂଚିତ କରେ ଯେ ହିମବାହ ଯୋଗୁଁ ବ୍ୟାପକ ଅଂଚଳ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଏହି ଆକସ୍ମିକ ବନ୍ୟାରେ ତପୋବନ ବିଷ୍ଣୁଗଡ଼ ଶକ୍ତି କେନ୍ଦ୍ର ସହିତ କେତେକ ପୋଲ ମଧ୍ୟ ଧୋଇ ହୋଇଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସେନା, ବାୟୁସେନା, ଭାରତ-ତିବ୍ବତ ସୀମା ପୁଲିସ, ଏନଡିଆରଏଫ, ଏସଡିଆରଏଫ୍ ଓ ଅନ୍ୟାନ୍ୟ ଆପାତକାଳୀନ ଉଦ୍ଧାରକାରୀ ସଂସ୍ଥାମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ସମଗ୍ର ଉତ୍ତରାଖଣ୍ଡ ସମେତ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଅଳକାନନ୍ଦା ଓ ଋଷିଗଙ୍ଗା ଆଦି ନଦୀକୂଳରେ ରହୁଥିବା ଲୋକମାନଙ୍କ ସତର୍କ କରାଯିବା ଦର୍ଶାଇଛି ଯେ ଏହା ଏକ ବିରାଟ ପ୍ରାକୃତିକ ବିପର୍ଯ୍ୟୟ। ତେଣୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂହ ରାୱତଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପର୍କରେ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ତାଙ୍କ ମନ୍ତ୍ରଣାଳୟ ରାଜ୍ୟ ପ୍ରଶାସନ ସହିତ ଯୋଗାଯୋଗରେ ରହି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏବେ ନିଖୋଜ ଲୋକଙ୍କୁ ଉଦ୍ଧାର କରାଯିବା ଉପରେ ଧ୍ୟାନ କେନ୍ଦ୍ରିତ ଥିବାଯୋଗୁଁ କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ଗଢ଼ୱାଲ ହିମାଳୟ କ୍ଷେତ୍ରରେ ହିମବାହ ବରଫଖଣ୍ଡ ତଥା ପାହାଡ଼ ଧସିବା ଏକ ନିୟମିତ ଧାରା। ଏଥିସହିତ ଲୋକମାନେ ଯେତିକି ପରିଚିତ, ଉତ୍ପନ୍ନ ସ୍ଥିତିର ମୁକାବିଲା କରିବା ସକାଶେ ରାଜ୍ୟ ତଥା ସ୍ଥାନୀୟ ପ୍ରଶାସନ ମଧ୍ୟ ସେତିକି ସଜାଗ ରହିଥାନ୍ତି। ତେବେ ଏହା ମୁଖ୍ୟତଃ ମୌସୁମୀ ବର୍ଷାବେଳେ କିମ୍ବା ଖରାଦିନେ ବରଫ ତରଳିବା ସମୟରେ ହିଁ ଘଟିଥାଏ। ସେଥିରେ କାଁ ଭାଁ କ୍ୱଚିତ୍ ପ୍ରାଣହାନି ଘଟିଥାଏ। କିଛି ବର୍ଷ ପୂର୍ବେ ବାଦଲଫଟା ବର୍ଷା ଯୋଗୁଁ ଉତ୍ତରାଖଣ୍ଡରେ ଯେଉଁ ପ୍ରବଳ ବନ୍ୟା ସଂଘଟିତ ହୋଇଥିଲା ସେଥିରେ ପ୍ରଭୂତ କ୍ଷୟକ୍ଷତି ଘଟିଥିଲା। କିନ୍ତୁ ରବିବାର ଦିନ ଯେଉଁ ବରଫ ଚଟାଣ ଭଙ୍ଗା ଓ ଅଚାନକ ବନ୍ୟା ସଂଘଟିତ ହୋଇଛି ତାହା ବିସ୍ମୟକର। ସାଧାରଣତଃ ଶୀତଦିନ ନଯାଉଣୁ ଏଭଳି ହିମବାହ ଓ ବନ୍ୟା ଘଟିବା ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ଦିଏ। ବିଶ୍ୱ ଉତ୍ତାପନ ଯୋଗୁ ଆଗାମୀ ଦିନରେ ହିମାଳୟର ବରଫ ତରଳି ଏଭଳି ଦୁର୍ଘଟଣାମାନ ଘଟିବା ଏହାର ଚେତାବନୀ ବୋଲି କୁହାଯାଇପାରେ। ଅନ୍ୟଥା ମାତ୍ର କେଇ ଘଂଟା ଭିତରେ ଋଷିଗଙ୍ଗା ଓ ଅଳକାନନ୍ଦା ଭଳି ନଦୀରେ ସ୍ୱାଭାବିକ ସ୍ତରଠାରୁ ଏକମିଟର ଠାରୁ ଅଧିକ ଉଚ୍ଚର ଜଳପ୍ରବାହିତ ହେବାକୁ କଦାପି ମାମୁଲି ଘଟଣା ବୋଲି ଗ୍ରହଣ କରାଯାଇ ପାରିବନାହିଁ। ଯେଉଁ ଘଟଣା ଘଟିଲା ତାହାକୁ ଦୃଷ୍ଟିରେ ରଖି ଆଗାମୀ ଦିନ ପାଇଁ ସରକାର ଓ ହିମାଳୟ ପାଦଦେଶରେ ଏବଂ ନଦୀତଟରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ପଡ଼ିବ। ପାର୍ବତ୍ୟ କ୍ଷେତ୍ରର ନଦୀମାନଙ୍କର ଏକ ବିଶେଷତ୍ୱ ଏହା ଯେ, ସେଥିରେ ଅଚାନକ ବନ୍ୟା ଆସେ। ତାହା ଏତେ ପ୍ରଖର ଓ ଆକସ୍ମିକ ଯେ, ସେଥିରେ ଧନଜୀବନ ହାନିର ଆଶଙ୍କା ସର୍ବାଧିକ। ତେଣୁ ଏହାକୁ ଦୃଷ୍ଟିରେ ରଖି ତାହାର ମୁକାବିଲା ନିମନ୍ତେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି କରିବାକୁ ପଡ଼ିବ। ଏପରିକି ସେହିସବୁ ନଦୀ ଏବଂ ହିମାଳୟର ପାଦଦେଶରେ ଥିବା ଜନବସତି, କଳକାରଖାନା ଓ ଆବାସକୁ ସ୍ଥାନାନ୍ତରିତ କରିବାକୁ ହେବ। ଦକ୍ଷିଣ ଆମେରିକା ଓ ୟୁରୋପର କେତେକ ରାଷ୍ଟ୍ରରେ ଏଭଳି ପ୍ରସ୍ତୁତି ଅନେକ ପୂର୍ବରୁ କରାଯାଇସାରିଛି। ଅସଲ କଥାଟି ହେଲା, ମଣିଷ ପ୍ରଗତି ପଥରେ ଯେତିକି ମାତ୍ରାରେ ଧାବମାନ, ତଦ୍ୱାରା ପ୍ରକୃତି ଉପରେ ପଡୁଥିବା ପ୍ରଭାବର ଏହା ଯେ ପ୍ରତିକ୍ରିୟା ତାହା ସ୍ୱୀକାର କରିବାକୁ ପଡ଼ିବ। ବିଶ୍ୱ ଉତ୍ତାପନ ପାଇଁ ଯିଏ ଦାୟୀ ହେଉନା କାହିଁକି, ହିମାଳୟ ପାଦଦେଶରେ ବସବାସ କରୁଥିବା କୋଟି କୋଟି ଲୋକଙ୍କୁ ଏହାର କୁପ୍ରଭାବ ଏମିତି ବାରମ୍ବାର ସାମ୍ନା କରିବାକୁ ହୋଇପାରେ। ତେଣୁ ବର୍ତ୍ତମାନର ବିପତ୍ତିକୁ ମୁକାବିଲା କରିବା ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଏହାର ପ୍ରକୃତ ଉପାୟ ବୋଲି ବିବେଚନା କରା ଯାଇପାରେ।



## ହେ ପ୍ରାଣ ପ୍ରିୟ ମୋର..

### ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ପୂରୁବ ଦିଗ ଭାଗେ ରବି ଆସନ୍ତି ଯେବେ
ଆରମ୍ଭ ହୁଅଇ ଦିବସ
ରଜନୀ ଅନ୍ତେ ମୁହିଁ ତ୍ୱ ମୁଖ ଦେଖଇ
ଦିବସ ହେବାକୁ ସରସ,
ହେ ପ୍ରାଣ ପ୍ରିୟ ମୋର ...
ତୁମେ ହିଁ ମୋର ରବି ତୁମ ଚରଣ ସ୍ନେହେ
ସୁଖରେ ବିତୁ ମୋ ସଂସାର ।

ସାନିଧ୍ୟ ଲଭି ତୁମ ପୁରିଛି ମନୋସ୍କାମ
ମୋ ବ୍ରତ ହୋଇଛି ସଫଳ
ଜୀବନ ଥିବା ଯାଏଁ
ତୁମକୁ ପାଶେ ଚାହେଁ
ତୁମେ ହିଁ ମୋ ପାଇଁ ସକଳ,
ହେ ପ୍ରାଣ ପ୍ରିୟ ମୋର...
କର ହେ ଏହି ସତ୍ୟ ଧରିଥିବ ମୋ ହାତ
କରିବ ନାହିଁ କେବେ ପର ।୨।

ଯିବି କେଉଁ ମନ୍ଦିର
କି ଆଉ ଲୋଡ଼ା ମୋର
କ'ଣ ମାଗିବି କିଏ ଦେବ ?
ମାଗେନି କେବେ କିଛି
ତା ଆଗୁ ପାଉଅଛି
ଏଣୁ ମୁଁ ମନେ ଭାବେ ଗର୍ବ,
ହେ ପ୍ରାଣ ପ୍ରିୟ ମୋର...
ଆଖି ଅଞ୍ଜନ ପରି ରଖିବି ଯତ୍ନକରି
ପାଖରୁ କରିବିନି ଦୂର ।

ଆଶା ବିନା ମଣିଷ
ନେଇ ନ ପାରେ ଶ୍ୱାସ
ଆଶା ବି ଅଛି ମୋର ମନେ
ଦେଲେ ଟିକେ ଅନୁମତି
କହିବି ବାନ୍ଧି ଶକ୍ତି
ଧୀରେ ହେ ତୁମ ଦୁଇ କାନେ ,
ଯେବେ ମୁଁ ଯିବି ଦୂରେ...
ନାଲିଆ ଶଙ୍ଖା ଚୁଡି
ତା ସାଥେ ପାଟ ଶାଢ଼ି
ପିନ୍ଧାଇ ଦେବ ମୋ ଅଙ୍ଗରେ ।

ଛଅ ଖଣ୍ଡି କାଠରେ ସଜାଇ ପାଲିଙ୍କିରେ
ଖଇ କଉଡି ଫିଙ୍ଗୁଥିବ
ରାମ ନାମ ସଙ୍ଗରେ
ନଦିଆ କୀର୍ତ୍ତନରେ
ଅହ୍ୟ ଡେଙ୍ଗୁରା ବାଜୁଥିବ,
ହେ ପ୍ରାଣ ପ୍ରିୟ ମୋରି....
ଅନ୍ତିମ ଯାତ୍ରା ପଥେ ଥିବ ମୋ '
ସାଥେ ସାଥେ
ପତି ଧରମ ରକ୍ଷାକରି ।

+ଚକାପଦା, ବେଗୁନିଆ, ଖୋର୍ଦ୍ଧା

## ଭାରତ-ଆମେରିକା ସଂପର୍କର ନୂଆ ଦିଗ

### ଶରତ କୁମାର ଦାସ

ଭାରତ-ଆମେରିକା ମଧ୍ୟରେ ସଂପର୍କ କହିଲେ ମୁଖ୍ୟତଃ ବିଶ୍ୱର ଦୁଇ ପ୍ରଖ୍ୟାତ ତଥା ପ୍ରମୁଖ ଗଣତନ୍ତ୍ର ମଧ୍ୟରେ ରାଜନୈତିକ, ଆର୍ଥିକ, ସାମରିକ, କୂଟନୈତିକ, ବାଣିଜ୍ୟିକ ତଥା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଥିବା ସମ୍ପର୍କକୁ ବୁଝାଏ। ଆମେରିକା ବିଶ୍ୱର ସର୍ବ ଶକ୍ତିଶାଳୀ ଗଣତନ୍ତ୍ର ହୋଇଥିବା ବେଳେ ଭାରତ ସର୍ବବୃହତ ଗଣତନ୍ତ୍ରର ଗୌରବ ଅର୍ଜନ କରେ । ଏକ ଘଡିସଂଧି ମୁହୂର୍ତ୍ତରେ ଡେମୋକ୍ରାଟ ଦଳର ନବନିର୍ବାଚିତ ଜୋ ବାଇଡେନ ଆମେରିକାର ୪୬ ତମ ରାଷ୍ଟ୍ରପତି ରୂପେ ଗତ ଜାନୁଆରୀ ୨୦ ତାରିଖରେ ଶପଥ ଗ୍ରହଣ କରିବା ଭାରତ ପାଇଁ ନିର୍ଶ୍ଚିତ ରୂପେ ଏକ ଶୁଭ ସୁଚନା ବୋଲି ଅନେକ କୂଟନୀତିଜ୍ଞ ମତପୋଷଣ କରନ୍ତି । ଅନେକଙ୍କ ମତରେ ଜୋ ବାଇଡେନଙ୍କ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ ଭାରତ-ଆମେରିକା ମଧ୍ୟରେ ରହିଆସିଥିବା ସଫଳ ଓ ଦୀର୍ଘ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ କରିବ । ଏମିତି ବି ଡେମୋକ୍ରାଟମାନଙ୍କର ଭାରତ ପ୍ରତି ପୂର୍ବରୁ ସହୃଦୟ ମନୋଭାବ ରହିଛି । ଏବେ ସେ ସମୟ ଆସିଛି ଯେଉଁଥିରିକି ଭାରତ ଆମେରିକାର ବିଦେଶ ନୀତିରେ ଅବିଚ୍ଛେଦ୍ୟ ଅଂଶ ହୋଇପାରିବ । ଏକ ବାସ୍ତବବାଦୀ ଦେଶ ରୂପେ ଆମେରିକା ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନକୁ ବିଚାରକୁ ନେଇ ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ସହ ସମ୍ପର୍କ ବୃଦ୍ଧି କରିବାକୁ ଚେଷ୍ଟା କରିବା ପ୍ରକୃତ ପକ୍ଷେ ବୁଦ୍ଧିମତ୍ତା ର ପରିଚୟ ହେବ । ଭାରତ ଓ ଆମେରିକା ପୃଥିବୀର ଦୁଇ ପ୍ରମୁଖ ଗଣତାନ୍ତ୍ରିକ ଦେଶ ହୋଇଥିବାରୁ ଜୋ ବାଇଡେନଙ୍କ ବିଜୟ ଭାରତର ଗଣତନ୍ତ୍ର ଉପରେ ପ୍ରଭାବ ସୃଷ୍ଟି କରିବ । ଟ୍ରମ୍ପ ଅତ୍ୟଧିକ ରାଜନୈତିକ ଉଦାରତାକୁ ବିଶ୍ୱାସ କରୁ ନଥିଲେ । ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ତାଙ୍କର ଏତେ ବିଦ୍ୱେଷ ଭାବ ଥିଲା ଯେ ସେ ନିର୍ବାଚନରେ ହାରିବା ପରେ ମଧ୍ୟ ଜନମତକୁ ସହଜରେ ଗ୍ରହଣ କରିପାରିନଥିଲେ । ଯାହାଫଳରେ ନିଜର ସହଯୋଗୀମାନଙ୍କ ସହାଯ୍ୟରେ ଦେଶର ପବିତ୍ର ମନ୍ଦିର ସଂସଦ ଉପରେ ଆକ୍ରମଣ କରି ସମଗ୍ର ବିଶ୍ୱରେ ଗଣତନ୍ତ୍ରର ଛାତିରେ କଳଙ୍କର ଦାଗ ଲଗାଇଦେଲେ। ବର୍ତ୍ତମାନ ବାଇଡେନଙ୍କର ମୁଖ୍ୟ ଦାୟିତ୍ୱ ହେଲା ଆମେରିକାର ଗଣତନ୍ତ୍ର ଉପରେ ଲାଗିଥିବା ଆଘାତକୁ ସୁଧାରିବା ସହିତ ଆମେରିକାରେ ଗଣତନ୍ତ୍ରର ସ୍ଥିତିକୁ ସୁଦୃଢ଼ କରିବା । ଏ ଦୃଷ୍ଟିରୁ ଦେଖିଲେ ଭାରତ ସହିତ ଆମେରିକାର ସମ୍ପର୍କ ପ୍ରାସଙ୍ଗିକତା ବହନ କରେ । ଜୋ ବାଇଡେନ ଯେଉଁଭଳି ଭାବେ ନିଜର ଶପଥ ଉତ୍ସବ ଦିନ ଟ୍ରମ୍ପ ଲିଗାସିକୁ ହଟାଇବା ପାଇଁ ଉଦ୍ୟମ ଆରମ୍ଭ କଲେ ତାହା ବାସ୍ତବିକ ଅଭିନନ୍ଦନୀୟ । ଟ୍ରମ୍ପଙ୍କ ଅନେକ ଜନବିରୋଧି ନିଷ୍ପତ୍ତିଗୁଡିକୁ ରଦ୍ଦ କରି ଆମେରିକାକୁ ଏକ ସ୍ୱର୍ଣ୍ଣିମ ସକାଳ ଅଭିମୁଖେ ଅଗ୍ରସର କରିବା ଭାରତ ପାଇଁ ମଧ ଗୌରବର ବିଷୟ । ବାଇଡେନ ଦେଶର ସାଂସ୍କୃତିକ ଗୌରବକୁ ପୁନଃସ୍ଥାପିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଭାରତ ପାଇଁ ଶୁଭଙ୍କର ନିଶ୍ଚୟ । ଆମେରିକାର ୩୨ କୋଟି ଲୋକସଂଖ୍ୟାରୁ ଭାରତୀୟ ବଂଶଜଙ୍କ ସଂଖ୍ୟା ପ୍ରାୟ ୩୧.୮୦ ଲକ୍ଷ। ସେହିପରି ସମୁଦାୟ ୧୨ ଲକ୍ଷ ସବୁଜ କାର୍ଡଧାରୀଙ୍କ ମଧ୍ୟରୁ ୬୮ ପ୍ରତିଶତ ଭାରତୀୟ । ଆମେରିକାରେ ଥିବା ପ୍ରବାସୀ ଭାରତୀୟ ଟ୍ରମ୍ପଙ୍କର କଟକଣାଗୁଡିକୁ ବାଇଡେନ ଉଠାଇଦେବେ ବୋଲି ଆଶାକରିଛନ୍ତି। ବାଇଡେନ ମଧ ସେମାନଙ୍କ ଲାଗି ଭିସା ଓ ଗ୍ରୀନ୍ କାର୍ଡ କ୍ଷେତ୍ରରେ କୋହଳ ଆଭିମୁଖ୍ୟ ପୋଷଣ କରିବେ ବୋଲି ପ୍ରତିଶ୍ରୁତି ମଧ ଦେଇଛନ୍ତି । ଏହା ଭାରତୀୟ ମାନଙ୍କ ପାଇଁ ଏକ ଖୁସିର ଖବର । କାରଣ ସୂଚନା ପ୍ରଯୁକ୍ତି ବିଦ୍ୟା,ଚିକିତ୍ସା, ଶିକ୍ଷା କ୍ଷେତ୍ରରେ ଭାରତୀୟ ବୃତ୍ତିଧାରୀ ମାନେ ଖୁବ୍ ଜନପ୍ରିୟତା ହାସଲ କରିଛନ୍ତି । ଦୁଇ ଦେଶ ମଧ୍ୟରେ ଏ କ୍ଷେତ୍ରରେ ଥିବା ସମ୍ପର୍କକୁ ବାଇଡେନ ନିଶ୍ଚୟ ଧ୍ୟାନ ଦେବେ ବୋଲି ଆଶା କରାଯାଏ । ଭାରତ ସହିତ ଆମେରିକାର ସମ୍ପର୍କ ଚୀନ କାରଣରୁ ମଧ ଗୁରୁତ୍ୱପୂର୍ଣ୍ଣ। ଚୀନର ବିସ୍ତାରବାଦୀ ନୀତିକୁ ନିୟନ୍ତ୍ରଣ କରିବା ପାଇଁ ଜୋ ବାଇଡେନ ଭାରତ ସହ ସାମରିକ ସହଯୋଗ ବୃଦ୍ଧିକରିବେ ବୋଲି ମଧ ଆଶା କରାଯାଏ । ଭାରତ ସହ ସୀମା ବିବାଦ ସୃଷ୍ଟି କରିଥିବା ଚୀନ୍ ପ୍ରତି ବାଇଡେନ ପ୍ରଶାସନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବେ । ନିକଟରେ ଅରୁଣାଚଳ ପ୍ରଦେଶର ସୀମାବର୍ତ୍ତୀ ଅଂଚଳଗୁଡିକରେ ମଧ ଚୀନ ଗତିବିଧି ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି ।ଏପରି ସ୍ଥିତିରେ ପ୍ରଥମ ଥର ଆମେରିକା ଭାରତର ସମର୍ଥନରେ ବାହାରିବା ତା'ର ନୂତନ ରଣନୀତିର ସୂଚନା ପ୍ରଦାନ କରେ ।ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀମାନଙ୍କୁ ଲାଳନପାଳନ କରୁଥିବା ପାକିସ୍ତାନ ଓ ଭାରତରେ ଆତଙ୍କବାଦ ଚଳାଉଥିବା ପାକିସ୍ତାନସ୍ଥିତ ଲସ୍କର-ଇ-ଥିବା ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇମ୍ରାନ ସରକାରଙ୍କ ଉପରେ ଆମେରିକା ଚାପ ପକାଇବ ବୋଲି ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲଏଡ ଅଷ୍ଟିନ ମତବ୍ୟକ୍ତ କରିଛନ୍ତି ।ସିନେଟ୍ ରେ ଉଦବୋଧନ ଦେଉଥିବା ସମୟରେ ସେ କହିଛନ୍ତି ଯେ ଭାରତ ପରି ବିଶାଳ ଗଣତାନ୍ତ୍ରିକ ଦେଶର ସାର୍ବଭୌମତ୍ୱ ସୁରକ୍ଷା ଦିଗରେ ଆମେରିକାର ନୂଆ ପ୍ରଶାସନ ସମ୍ପୂର୍ଣ୍ଣ ଦୃଷ୍ଟି ଦେବ। ଚୀନକୁ ପ୍ରତିହତ କରିବା ସହିତ ଭାରତକୁ ସାମରିକ ଭାବେ ଅଧିକ ଗୁରୁତ୍ୱ ଦେବା ବାଇଡେନ ପ୍ରଶାସନର ମୂଳଲକ୍ଷ୍ୟ ହେବ। ବାରାକ ଓବାମା ରାଷ୍ଟ୍ରପତି ଥିବାବେଳେ ଭାରତ ଓ ପ୍ରଶାନ୍ତ ମହାସାଗରୀୟ କୌଶଳ ବୃଦ୍ଧିପାଇଥିଲା ।ଏହି ନୀତି ଅନୁଯାୟୀ ଦୁଇ ମହାସାଗର ଭିତରର ଅଂଚଳକୁ ସୁରକ୍ଷିତ ରଖିବାକୁ ପଡିବ । ଏ ବିଷୟରେ ସେତେବେଳର ଉପରାଷ୍ଟ୍ରପତି ଓ ବର୍ତ୍ତମାନର ରାଷ୍ଟ୍ରପତି ବାଇଡେନ ଗୁରୁତ୍ୱର ସହ ବିଚାର କରିବାକୁ ବାଧ ହେବେ ।କାରଣ ଚୀନ ଏହି ଇଲାକା ଉପରେ ଅର୍ଥନୈତିକ ଓ ସାମରିକ କର୍ତ୍ତୃତ୍ୱ ବୃଦ୍ଧିକରିବାରେ ଲାଗିଛି ।

(କ୍ରମଶଃ)


ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ସାହିତ୍ୟ ସ୍ୱରରେ କୁତ୍ସିତ କର୍ମ



### ଶିବ ପ୍ରସାଦ ବାହିନୀପତି

ସାହିତ୍ୟରେ ଭକ୍ତି, ପ୍ରେମ, ସ୍ନେହ, ଶିକ୍ଷା, ସେବା ଓ ସମର୍ପଣର ଭାବ ରହିବା ଯଥୋଚିତ; ଏସବୁ ରହିତ ଆଲେଖ୍ୟ ବା ସୃଷ୍ଟି କେବେ ସାହିତ୍ୟର ପଦବାଚ୍ୟ ହୁଏନାହିଁ । ଆତ୍ମା-ଆତ୍ମାର ମିଳନ, ଜୀବେ ଦୟାର ଭାବ, ସମାଜର ମଙ୍ଗଳ ଚିନ୍ତନର ଭାବ, ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏକତା ସୂତ୍ରରେ ବାନ୍ଧି ହୋଇ ରହିବାର ଭାବ ରୂପକ ସୃଷ୍ଟି ହିଁ ସଚ୍ଚା ସାହିତ୍ୟ । ସେ ହିଁ କାଳଜୟୀ ସୃଷ୍ଟି ଯେଉଁଥିରେ ଭରି ରହିଛି ଶ୍ରଦ୍ଧା, ସମ୍ମାନ, ଶିକ୍ଷା, ସମାଜ ଗଠନର ମନ୍ତ୍ର, ସମାଜକୁ ଦୀର୍ଘଜୀବୀ କରିବାର କାଉଁରୀ ବିଦ୍ୟା। ସିଦ୍ଧି ପାଇବାକୁ ହେଲେ ସାଧନାର ଆବଶ୍ୟକତା ରହିଛି; କଠୋର ସାଧନା ବଳରେ ଜଣେ ସିଦ୍ଧ ସାଧକ ହୋଇପାରିବ । କଥାରେ ଅଛି - କଷ୍ଟ କଲେ କୃଷ୍ଣ ମିଳେ । ଭଗବାନଙ୍କୁ ପାଇବାକୁ ହେଲେ ସେତିକି କଷ୍ଟ ସହିବାକୁ ହେବ; ପ୍ରଥମେ ନିଜର ସହନଶୀଳତା ବୃଦ୍ଧି କରିବାକୁ ହେବ । ସବୁକିଛିକୁ ତ୍ୟାଗ କରି ସାଧନାରେ ମନୋନିବେଶ କରିବା ହିଁ ସିଦ୍ଧିର ସରଣୀ ଉନ୍ମୁକ୍ତ କରେ । ତେଣୁ ପ୍ରଥମେ ସିଦ୍ଧ ସାଧକ ସାଜିବାକୁ ସହନଶୀଳତାର ଆବଶ୍ୟକତା ଏବଂ ଦ୍ୱିତୀୟରେ ନମ୍ରତା ଭାବ । କାହା ପ୍ରତି କଠୋର ନହୋଇ ନମ୍ରତାଚରଣ କରିବା ହିଁ ସାଧନାକୁ ପରିପୁଷ୍ଟ କରେ। ସର୍ବଦା ଶାନ୍ତ ଚିତ୍ତରେ ସାଧନାରେ ବ୍ରତୀ ହେବା ସିଦ୍ଧି ପ୍ରାପ୍ତି ପାଇଁ ସରଳ ହୋଇଥାଏ ।

ନିଜର ଅଶାନ୍ତ ଚିତ୍ତ, କ୍ରୋଧ ହିଁ ସାଧନାର ପଥକୁ ସଙ୍କୁଚିତ କରିଦିଏ । ଏକାଗ୍ର ଚିତ୍ତରେ ଯେଉଁ ସାଧନା କରାଯାଏ ତାହା ସିଦ୍ଧିର ପଥକୁ ଅତି ନିକଟତର କରାଏ । ମଣିଷ ଜୀବନରେ ଶିକ୍ଷା ଓ ସାଧନାର ପରିସମାପ୍ତି ନାହିଁ, ସାରା ଜୀବନ ଏ ଦିଗରେ ଅଗ୍ରସର ହେବାକୁ ପଡ଼ିବ । ତେଣୁ ଜୀବନରେ କେବେ ବି ନିଜ ମନରେ ଅଶାନ୍ତି କିମ୍ବା କ୍ରୋଧକୁ ସ୍ଥାନ ଦେବା ଅନୁଚିତ । ତୃତୀୟ ସ୍ଥାନରେ ଶାଳୀନତା ରହିଛି, ଯାହା ଜଣେ ସିଦ୍ଧି ପ୍ରାପ୍ତ ସାଧକର ପରିଚୟ ବହନ କରେ । ବନ୍ଧୁର ଶିଳା ଭେଦି ଆଗକୁ ଆଗକୁ ମାଡ଼ି ଚାଲି ଶେଷରେ ସାଗରର ସନ୍ଧାନ ପାଇଥାଏ ତଟିନୀ । ସେମିତି କେତେ ଘାତ ପ୍ରତିଘାତକୁ ସହ୍ୟ କରି ଆଗକୁ ଆଗକୁ ମାଡ଼ି ଚାଲିବା ଜଣେ ସାରସ୍ୱତ ସାଧକର ଲକ୍ଷ୍ୟ ହେବା ଉଚିତ। ଦିନେ ନା ଦିନେ ସେ ସିଦ୍ଧିର ମାର୍ଗ ପାଇଯିବ । ସାଧକ ରୂପୀ ନଦୀ ସିଦ୍ଧି ରୂପୀ ସାଗରକୁ ପ୍ରାପ୍ତ କରିବ ଅଚିରେ। ସାଧକର ଆଚାର ବ୍ୟବହାର ଜଣେ ସାଧାରଣ ମଣିଷ ପରି ହେବା ଉଚିତ। ବିନୟ ବଚନ ହିଁ ଅନ୍ତରଙ୍ଗତା ସୃଷ୍ଟି କରେ । ବଚନରେ ହିଁ କିଣି ହୁଏ ଜନ ମନ ଆଉ ଏଇ ବଚନରେ ହିଁ ଛିନ୍ନ କରିହୁଏ ସମ୍ପର୍କ। ସିଦ୍ଧି ପାଇଁ ସାଧନା ଓ ସୁସମ୍ପର୍କର ଆବଶ୍ୟକତା ରହିଛି । ଭାଗବତ କହେ -

'ଅମୃତ ବିନୟ ବଚନ
କହି ତୋଷିବ ପ୍ରାଣୀ ମନ।'

ତେଣୁ କର୍ମ, ବଚନ, ଆଚରଣ ଠିକ୍ ନରହିଲେ ଜଣେ ଉତ୍ତମ ସାଧକର ପରିଚୟ ପାଇପାରେନି । ସାରସ୍ୱତ ସାଧକ ନମ୍ର ହେବା ଉଚିତ, ସମାଜର କଳୁଷିତତାକୁ କଲମ ମୁନରେ ସଜାଡ଼ିବାର ଶକ୍ତି ସଞ୍ଚିତ କରିବା ଉଚିତ। ବଚନ ମଧୁର ହୋଇଥିବ, କିନ୍ତୁ ସୃଜନୀରେ ଶକ୍ତି ଭରି ରହିଥିବ। ସେହି ଶକ୍ତିଶାଳୀ ସୃଜନୀ ହିଁ ସମାଜକୁ ଠିକ୍ ରାସ୍ତାକୁ ଫେରାଇ ଆଣିବ । କଲମ ମୁନରେ ଜବାବ ଦେଉଥିବା ସ୍ରଷ୍ଟାର ବଚନ କିନ୍ତୁ ରୁକ୍ଷ ହୋଇ ନଥିବା ଦରକାର । ଭାଗବତ ବାଣୀ ଅନୁସାରେ -

'ଦଣ୍ଡିବା ଶକ୍ତି ଯା'ର ଥାଇ ।
ସେ ପୁଣି କ୍ଷମା ଆଚରଇ ।'

ଜଣେ ସାହିତ୍ୟିକର ପର-ଆପଣା ଭାବ ପୋଷଣ ନୀତି ଗର୍ହିତ ଅଟେ । ସମସ୍ତେ ତା'ର ଆପଣାର; ସଂସାରରେ ପ୍ରକୃତ ସାଧୁ ପଦବାଚ୍ୟ ସାହିତ୍ୟିକ । ସେ ଲାଗି ଭାଗବତ ଲେଖିଛି - 'ପର ଆପଣା ଯା'ର ନାହିଁ।/ସାଧୁରେ ଗଣା ଅଟେ ସେହି ।' ସେଥିପାଇଁ ଜଣେ ସାହିତ୍ୟିକକୁ ସମାଜସେବୀ ଏବଂ ବିଜ୍ଞ ବୋଲି ବିଚାର କରାଯାଏ । ତେଣୁ ବିଜ୍ଞ ବ୍ୟକ୍ତି ସର୍ବତ୍ର ପୂଜନୀୟ । କୁହାଯାଇଛି - 'ସ୍ୱଦେଶେ ପୂଜ୍ୟତେ ରାଜା, ବିଦ୍ୱାନ ସର୍ବତ୍ର ପୂଜ୍ୟତେ । 'ଅର୍ଥାତ୍ - 'ରାଜା ସିନା ପୂଜା ପାଏ ଆପଣା ଦେଶରେ, କବି ପୂଜା ପାଉଥାଏ ଦେଶ ବିଦେଶରେ। 'ସର୍ବତ୍ର ପ୍ରଶଂସିତ ଓ ପୂଜନୀୟ ହେବା ପାଇଁ ହେଲେ ଅଗାଧ ଜ୍ଞାନର ଆବଶ୍ୟକତା ରହିଛି । ଜ୍ଞାନ ପ୍ରାପ୍ତ ପାଇଁ ନିଷ୍ଠା, କର୍ତ୍ତବ୍ୟର ଆବଶ୍ୟକତା ତ ଅଛି, ଅଧ୍ୟୟନର ବି ଆବଶ୍ୟକତା ରହିଛି । ଅନ୍ୱେଷଣ ଓ ଅଧ୍ୟୟନ ଯେତିକି ଜ୍ଞାନର ପରିସୀମା ବୃଦ୍ଧି କରେ, ସାଧୁ ସଙ୍ଗ ତା' ଠାରୁ ଅଧିକ ହିଁ ହୋଇଥାଏ। ଯେତେ ଜ୍ଞାନୀ ହେଲେ ବି ଯଦି କୁସଙ୍ଗରେ ଦିନ ବିତେ, ତେବେ ସେ ଅଜ୍ଞାନ ତୁଲ୍ୟ ହୋଇଥାଏ। ଉଚିତ, ଅନୁଚିତ, ନ୍ୟାୟ, ଅନ୍ୟାୟ, ଭଲ, ମନ୍ଦକୁ ପରଖି କାର୍ଯ୍ୟ କରିପାରୁଥିବା ବ୍ୟକ୍ତିଟି ପ୍ରକୃତ ଜ୍ଞାନୀ ହୋଇଥାଏ ।

ଜ୍ଞାନ ଆହରଣ ପାଇଁ ଗୁରୁଙ୍କର ଆବଶ୍ୟକତା ରହିଛି । ବିନା ଗୁରୁରେ ଜ୍ଞାନ ପ୍ରାପ୍ତ ଅସମ୍ଭବ। ଶାସ୍ତ୍ରରେ କୁହାଯାଇଛି ଯେ -

'ଗୁରୁ ନଥାଇ ସଦଜ୍ଞାନ ।
କାହୁଁ ତୁ ପାଇବୁ ଅର୍ଜୁନ ?'

ଗୁରୁ କାହାକୁ କରିବା ? ଆଜିର ଏ ସମାଜରେ କଳୁଷିତତାର ପରିବେଶରେ ସେଭଳି ଗୁରୁ ମିଳିବା ଅସମ୍ଭବ, ଯିଏ ସର୍ବଜ୍ଞାନର ଅଧିକାରୀ। ତେଣୁ ଏଠି ଜଣଙ୍କୁ ଗୁରୁ କରି ଜ୍ଞାନ ପାଇବା ଅସମ୍ଭବ ।

ଏଠି କହିବା ବାହୁଲ୍ୟ ଯେ, ସମସ୍ତେ ଏଠି ଗୁରୁ ଓ ସମସ୍ତେ ଏଠି ଶିଷ୍ୟ । ଉଦାହରଣ :- ରାମ ବୋଲି ବ୍ୟକ୍ତି ଶ୍ୟାମକୁ ଗୁରୁ ମନେ କରୁଛି, ତା' ଠାରୁ କିଛି ଶିଖିଛି ଓ ଶିଖୁଛି ମଧ୍ୟ। ଶ୍ୟାମ ବି ରାମ ଠାରୁ କିଛି ଯାହା ବି ହେଉ ଶିକ୍ଷା ପାଇଛି । ତେଣୁ ଉଭୟେ ଉଭୟଙ୍କ ଗୁରୁ ଓ ଉଭୟେ ଉଭୟଙ୍କ ଶିଷ୍ୟ । ତେବେ ଏଠି ଗୁରୁ କାହାକୁ କହିବା ? ବାସ୍ତବରେ ଦେଖିବାକୁ ଗଲେ ପରିବେଶ, ପରିସ୍ଥିତି, ସମାଜ ହିଁ ପ୍ରକୃତ ଗୁରୁ । ସମାଜର ନିତିଦିନିଆ ଘଟଣାରୁ ଯେଉଁ ଶିକ୍ଷା ମିଳେ, ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ଯେଉଁ ଶିକ୍ଷା ଲୁକ୍କାୟିତ ଥାଏ, ପାରିପାର୍ଶ୍ୱିକ ପରିବେଶରୁ ଯେଉଁ ଶିକ୍ଷା ମିଳେ ଏବଂ ନିଜର ପରିସ୍ଥିତି ଯେଉଁ ଶିକ୍ଷା ପ୍ରଦାନ କରେ ତାହା ଜଣେ ଗୁରୁଙ୍କର ଶିକ୍ଷା ଠାରୁ ଯଥେଷ୍ଟ ଗୁଣରେ ଅଧିକ ହୋଇଥାଏ । ତେବେ ଏମାନେ ପ୍ରକୃତ ଗୁରୁ ପଦବାଚ୍ୟ ।

ଏଇଭଳି ଏକ ଉତ୍ତର ରଖିଥିଲି ସେଦିନ ମୁଁ ହ୍ୱାଟ୍ସଆପ୍‌ର ଏକ ଆଧ୍ୟାତ୍ମିକ ପରିବାରରେ ଜନୈକ ସାଧୁଙ୍କ ପାଖରେ। ବିଭିନ୍ନ ଧର୍ମକୁ ନେଇ ଲେଖୁଥିବା ପ୍ରବନ୍ଧ ଉପରେ ମତେ ଆରୋପ ଲଗାଇଥିଲେ ସାଧୁ ମହାତ୍ମା। ମୁଁ କୌଣସି ଧର୍ମକୁ ଆକ୍ଷେପ କରି ନଥିଲି; ପ୍ରତ୍ୟେକ ଲେଖାରେ ମୋର ଗୋଟିଏ ହିଁ ବାର୍ତ୍ତା ରହୁଥିଲା - 'ସବୁ ଧର୍ମକୁ ସମ୍ମାନ ଦେବା ଉଚିତ ।' କିନ୍ତୁ ମୁଁ ଧର୍ମ ଉପରେ ଆଲୋଚନା ଭିତରେ ଦୁଇଟି ଦିଗକୁ ଦର୍ଶାଉଥିଲି । ଗୋଟିଏ ଆଧ୍ୟାତ୍ମ ଚିନ୍ତନ ଓ ଅନ୍ୟଟି ବୈଜ୍ଞାନିକ ଅନୁଶୀଳନ । ବିଜ୍ଞାନ ଏବେ ଯାହାକୁ ପ୍ରମାଣ କରି ଦେଖାଉଛି ତାହା ବହୁ ପୂର୍ବରୁ ବେଦ ବେଦାନ୍ତରେ ପ୍ରମାଣସିଦ୍ଧ ହୋଇସାରିଛି। ଆଧ୍ୟାତ୍ମ ଭାବନା ମାଧ୍ୟମରେ ଜନଜାତିକୁ ସଚେତନତାର ବାର୍ତ୍ତା ଶାସ୍ତ୍ରରେ ବହନ ହୋଇଛି । କୋଉ ଧର୍ମରେ କ'ଣ ଅଛି ତାହା ମୁଁ ପ୍ରତି ଲେଖାରେ ଦର୍ଶାଇଛି । ଉଭୟକୁ ତର୍ଜମା କରି ନିର୍ଯ୍ୟାସ କାଢ଼ିଛି - 'ସବୁ ଧର୍ମର ଲକ୍ଷ୍ୟ ଈଶ୍ୱର ପ୍ରାପ୍ତି । 'ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ କିଏ କେଉଁ ମାର୍ଗ ଅନୁସରଣ କରୁଛି ତାକୁ ଦେଖିବା ଅପେକ୍ଷା ଲକ୍ଷ୍ୟ କ'ଣ ତାକୁ ପରଖିବା ହେଉଛି ପ୍ରକୃତ ମଣିଷପଣିଆ ଅଟେ । ସେଦିନ ଏଭଳି ଏକ ଲେଖା ଦେଖି ମତେ କହିଥିଲେ - 'ଆପଣଙ୍କର ଏ ଲେଖା ଠିକ୍ ନୁହେଁ, ଏ ଲେଖା କୌଣସି ପାଠ୍ୟପୁସ୍ତକରେ ସ୍ଥାନ ପାଇବ ନାହିଁ । ଆପଣ ନିଜ ଧର୍ମକୁ ବୈଜ୍ଞାନିକ ଚିନ୍ତାଧାରାରେ ବିଶ୍ଳେଷଣ କରିବା ଠିକ୍? ହେଉନି । 'ତାଙ୍କ କହିବାର ସାରାଂଶ ଏଇଆ ଥିଲା। ମୁଁ କିନ୍ତୁ କହିଥିଲି - 'ମୁଁ କେବେ ଆଶାୟୀ ନୁହେଁ ପାଠ୍ୟପୁସ୍ତକରେ ମୋ' ଲେଖା ସ୍ଥାନ ପାଉ , ସାମାଜିକ ଗଣମାଧ୍ୟମରେ ମୋ' ଭାବନା ଓ ପ୍ରକୃତ ତଥ୍ୟକୁ ଉପସ୍ଥାପନ କରିଛି । ଉଚିତ କି ଅନୁଚିତ ଆଲେଖ୍ୟ ପରଖି ନିଅନ୍ତୁ ଏବଂ ଭୁଲ୍ ଥିଲେ ମାର୍ଗଦର୍ଶନ କରାନ୍ତୁ। 'ଏଇ କେଇ ପଦ କଥା ପରେ ସେ କେବଳ ଭଗବତ ଗୀତାକୁ ଶାସ୍ତ୍ର ବୋଲି ମାନନ୍ତି କହିଲେ। ଶାସ୍ତ୍ର କ'ଣ କେବଳ ଭଗବତ ଗୀତା? ହଁ , ଗୀତା ହେଉଛି ମାନବ ସମାଜର ଦିଗଦର୍ଶକ ଓ ଗୁଢ଼ ଜ୍ଞାନ । କେବଳ ଭଗବତ ଗୀତା ହିଁ ଗୋଟିଏ ଶାସ୍ତ୍ର ଅଛି, ଏଇଟା ଅସଙ୍ଗତ।

ଏହାପରେ ସେଦିନ ସେ ପରିବାରରେ ମତେ କଟାକ୍ଷ କରି କିଛି ରଚନା ସାଧୁଙ୍କ କଲମରୁ ସ୍ଖଳିତ ହେଲା । ଜଣେ ସାଧୁଙ୍କର ଲକ୍ଷଣ କାହାକୁ କଟାକ୍ଷ କରିବା ନୁହେଁ , ବରଂ ଅଜ୍ଞାନ ଅନ୍ଧକାରକୁ ଅପସାରଣ କରି ଆଲୋକମାଳା ବିଚ୍ଛୁରିତ କରିବା ଜଣେ ସାଧୁଙ୍କର ନୈତିକ କର୍ତ୍ତବ୍ୟ। ପୁଣି ତହିଁ ଆରଦିନ ସେ କଟାକ୍ଷ ପରେ ଏକ ଅନୀତି କରିବସିଲେ । ମତେ କହିଲେ - 'ଭାଇ ତୁମ ଗୋଡ଼ ଧରୁଛି , ଏମିତି ଲେଖନି ।' ଏଇ ବାକ୍ୟଟି ଶୁଣିଲା ମାତ୍ରକେ ମୋର ଶିରା ପ୍ରଶିରାରେ ଶିହରଣ ଖେଳିଗଲା ଏବଂ ଆଖିରେ ଘନେଇ ଆସିଲା ମୋର ଅମାପ ଅଶ୍ରୁ। କୋହ ଗୁଡ଼ାକ ଚମଡ଼ା କାନ୍ଥ ଭାଙ୍ଗି ଛାତିର ବାହାର ପଟକୁ ଉବୁକେଇ ଉଠିଲା । ଜଣେ ସାଧୁ ଅନୁନୟ ବିନୟ ହୋଇପାରିବ, କିନ୍ତୁ କାହାର ଗୋଡ଼ ଧରିବା ଅନୁଚିତ । କାରଣ ସାଧୁ ହିଁ ସମାଜର ଦିଗ୍‌ଦର୍ଶକ । ସେଦିନ ମତେ ବହୁତ ଖରାପ ଲାଗିଥିଲା; ନିଜକୁ ଦୋଷୀ ମନେ କରୁଥିଲି ଯେମିତି। ଭାବିଥିଲି ଏ ସାହିତ୍ୟ ଜଗତ ମୋ' ପାଇଁ କ'ଣ ଠିକ୍? ନୁହେଁ ? ତାଙ୍କୁ ଉତ୍ତରରେ କହିଥିଲି - 'ଆପଣ ଜଣେ ସାଧୁ ହୋଇ ଗୋଡ଼ ଧରିବା କଥା ଉଠେଇବାଟା ଠିକ୍? ହୋଇନି । 'ସେ ଦିନ ଏଇ ଗୁରୁ ପ୍ରସଙ୍ଗରେ କହିଥିଲି - 'ଏ ସାରା ବିଶ୍ୱ ମୋର ଗୁରୁ । ଜଣଙ୍କୁ ଗୁରୁ କରି ଯାହା ଶିକ୍ଷା ପାଇବି, ଅନେକଙ୍କଠୁ ମୁଁ ଅନେକ କିଛି ଶିଖି ପାରିବି। 'ଏତିକି କହି ସେ ପରିବାରରୁ ମୁଁ ସ୍ୱତଃପ୍ରବୃତ୍ତ ଭାବରେ ବାହାରି ଆସିଥିଲି । କିନ୍ତୁ ସେଠାକାର ବିଚାର ଦେଖି ମତେ ଆଶ୍ଚର୍ଯ୍ୟ ଲାଗୁଥିଲା । ସାଧୁଙ୍କର କର୍ତ୍ତବ୍ୟ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା; କିନ୍ତୁ ନିଜ ଧର୍ମକୁ ବଡ଼ ମଣି ଅନ୍ୟ ଧର୍ମକୁ ନ୍ୟୁନ ଆଖିରେ ଦେଖିବା ଜଣେ ସାଧୁଙ୍କର କର୍ତ୍ତବ୍ୟ ନୁହେଁ। ମୁଁ ବି କହିଥିଲି 'ଧର୍ମରେ କିଛି ଅନ୍ଧବିଶ୍ୱାସ ରହିଛି ବୋଲି ବିଜ୍ଞାନ ବି ପରୋକ୍ଷରେ ଦର୍ଶାଏ । ତେଣୁ ଉଭୟ ଦିଗକୁ ବିଚାର କରି ଲେଖିବା ଜଣେ ସାହିତ୍ୟିକର ଧର୍ମ; ତେଣୁ ମୁଁ ସେଇଆ କରୁଛି । 'ସେହି ସାଧୁ ମହାତ୍ମାଙ୍କର ଅପମାନ କରିବା ମୋର ଉଦ୍ଦେଶ୍ୟ ନୁହେଁ, ଅପମାନ ତ ମତେ ଲାଗିଛି; ସାଧୁ ହୋଇ ତାଙ୍କ ନୈତିକତା ପାସୋରି ପକାଇଛନ୍ତି ସେ । ଗୋଡ଼ ଧରି ମତେ ଅପମାନିତ କରିଛନ୍ତି ଏବଂ ନିଜର ସାଧୁତା କେତେ ସେଦିନ ସେ ପରିବାରରେ ଥିବା ସଦସ୍ୟମାନେ ଦେଖିଥିବେ ।

ତେଣୁ ସାହିତ୍ୟିକଟିଏ ହେବାକୁ ହେଲେ ନିଜର ନୀତି ସ୍ୱଭାବ ଓ ବ୍ୟକ୍ତିତ୍ୱକୁ ପ୍ରଥମ ଦୃଷ୍ଟି ପକାଇବାକୁ ହେବ ଏବଂ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ ସହିତ ପ୍ରତ୍ୟକ ସାହିତ୍ୟ କୃତିକୁ ପୁଙ୍ଖାନୁପୁଙ୍ଖ ବିଚାର କରି ଯଥୋଚିତ ମନ୍ତବ୍ୟ ଦେବାକୁ ହେବ। ସେଦିନ ସେ ଦୀର୍ଘ ପ୍ରବନ୍ଧଟି ଉପସ୍ଥାପନ କରିବାର ପାଞ୍ଚ ମିନିଟ୍ ମଧ୍ୟରେ ଏଭଳି ପରିସ୍ଥିତି; ଯଦି ସେ ସମ୍ପୂର୍ଣ୍ଣ ପଢ଼ି ମତ ରଖିଥା'ନ୍ତେ ତେବେ ଏଭଳି ପରିସ୍ଥିତି ଉପୁଜି ନଥା'ନ୍ତା । ପ୍ରଥମେ ଜଣା ଓ ପରେ ଗଣା; ଜ୍ଞାତ ହେବା ପରେ ନିଜକୁ ଅଳଙ୍କୃତ କଲେ ଶୋଭା ବର୍ଦ୍ଧିତ ହୋଇ ପାରିବ । ସାହିତ୍ୟର ସ୍ୱର ତୋଳି କୁତ୍ସିତ ଭାବନା ପୋଷଣ ପୂର୍ବକ କାହାର ମଧ୍ୟ ଅମର୍ଯ୍ୟାଦା କରିବା ଅନୁଚିତ । ସ୍ରଷ୍ଟାର ସୃଷ୍ଟିକୁ ଭଲଭାବରେ ଦୃଷ୍ଟି ନିକ୍ଷେପ କରି ଯଦି ବୈଚାରିକ ଶକ୍ତିର ପ୍ରୟୋଗରେ ମନ୍ତବ୍ୟ ଦେଇ ସରଳ ଓ ନମ୍ରତାର ସହ ଉତ୍ସାହିତ କରି ବା ବୁଝାଇ ଦିଆଯାଏ , ତେବେ ସାହିତ୍ୟରେ ସମୃଦ୍ଧି ଆସିବା ସହ ପରସ୍ପର ମଧ୍ୟରେ ଏକ ଚୁମ୍ବକୀୟ ସମ୍ପର୍କ ତୋଳି ହୋଇପାରନ୍ତା । ଏହି ସମ୍ପର୍କ ହିଁ କଳିଯୁଗର ନାମ ପରିବର୍ତ୍ତନ କରି ନୂତନ ଏକ ଯୁଗ 'ସତ୍ୟଯୁଗ'ର ନାମରେ ନାମିତ କରିପାରନ୍ତା ।


+ସମ୍ପାଦକ: ଉଦୟଭାନୁ
ଭାଟପଡ଼ା, ନିରାକାରପୁର, କଣାସ,
ପୁରୀ
(ମୋ) - ୮୯୧୭୪୮୦୫୩୬




## କୁଳି ...

### ବେଣୁଧର ସୂତାର

ମୁଁ ଏଇ ସହର କୁଳି
ମୁଁ ଏଇ ସହର କୁଳି
ଯହିଁ ବିତିଛି ମୋ
ଜୀବନ ଜୀବିକା
ଗଳି କନ୍ଦି ବୁଲି ବୁଲି
ମୁଁ ଏଇ ସହର କୁଳି ।

ସହିଛି ଅନେକ
ଉଦରର ଜ୍ୱାଳା
ସହରି ସମ୍ମାନ
ମୋ ପାଇଁ ତ ଶଳା
ପଥର କରିଛି
କୋମଳ ହୃଦୟ
ଯଉବନ ଗଲି ଭୂଲି
ମୁଁ ଏଇ ସହର କୁଳି ।

ଲହୁ ଲୁହ କେତେ
ନିଗାଡିଛି ଦେହୁ
କଠିନ କରିଛି
ମୋର ଦୁଇ ବାହୁ
ନିର୍ମାଣିଛି କେତେ
ପ୍ରାସାଦ ସଉଧ
ବୟସକୁ ମାରିଗୁଲି
ମୁଁ ଏଇ ସହର କୁଳି ।

ସହର ତଳିରେ
ମୋ ଝୁମ୍ପୁଡି ଘର
ବସ୍ତି ବାସିନ୍ଦା ମୁଁ
ପରିଚୟ ମୋର
ରାତି ଟା ପାହିଲେ
ଜୀବିକା ଖୋଜଇ
ନୋହିଲେ ଜଳେନି ଚୂଲି
ମୁଁ ଏଇ ସହର କୁଳି ।

ବାଜିନି ଜୀବନେ
ପ୍ରୀତି ସାହାନାଇ
ନିଜର ବୋଲିତ
କେହିମୋର ନାହିଁ
ଉଜୁଡି ଯାଇଛି
ବିଳାସୀ ଯୌବନ
ଖଟିଖିଆ କୁଳି ବୋଲି
ମୁଁ ଏଇ ସହର କୁଳି ।

ସୁନା ଚିହ୍ନେ ସିନା
ସୁନାରି ବଣିଆ
ସହରରେ ନାହିଁ
ମଣଷ ପଣିଆ
କାମ ଥିଲା ବେଳେ
ସମସ୍ତେ ନିଜର
ସରିଲେ ଯାଆନ୍ତି ଭୁଲି
ମୁଁ ଏଇ ସହର କୁଳି ।

ଏବେ ନାହିଁ ଦେହେ
ଯୁବତ୍ୱେଳ ଠାଣି
ବଢ଼ିଲା ବୟସ
ବହିଗଲା ପାଣି
ଜରା ଗ୍ରାସିଲାଣି
ଧରାଶାୟୀ ମୁଁ ଯେ
ଆଉ ନପାରଇ ଚାଲି
ମୁଁ ଏଇ ସହର କୁଳି ।

ବିକଳେ ଡାକୁଛି
କାଳିଆ ଠାକୁର
କୁଳି ଜନମରୁ
ମୋତେ ପାରିକର
ଶ୍ରୀକ୍ଷେତ୍ରେ ଭିକାରୀ
ଜନମ ଦେଲେ ମୁଁ
ଧରିବି ଭକତି ଝୁଲି
ମୁଁ ଏଇ ସହର କୁଳି ।


କେଶଦୁରାପାଳ
କେନ୍ଦୁଝର
ମୋ-୯୧୭୮୫୬୮୨୪୬


## ଶୁଣିବ ବିନତି ମୋର...

### ଧୀରେନ୍ଦ୍ର ମଲ୍ଲିକ

ହେ ସୃଷ୍ଟିର ସ୍ରଷ୍ଟା ପ୍ରଭୁ ଦିବ୍ୟଦ୍ରଷ୍ଟା
କୃପାନେତ୍ରେ ଚାହଁ ବାରେ,
ମୁହିଁତ ଅକ୍ଷମ ଅଜ୍ଞାନ ଅଧମ
ତୁମ ନାମ ଜପ କରେ।

ଦିଅ ଦରଶନ ହେ ବିଶିକେଶନ
କହିବି ମୋ ହୃଦକଥା,
ମାଗିବିନି ଧନ ଅବା ଜ୍ଞାନ ଜନ
ନୁଆଇଁ କହୁଛି ମଥା।

ତୁମ ଶ୍ରୀଚରଣେ ଜାଗା ଟିକେ ଦେବ
ତୁମ ପାଖେ ରହିଯିବି,
ଭକତି ମନରେ ଦିବା ନିଶି ଖାଲି
ତୁମ ପାଦ ସେବୁଥିବି।

ଏତିକି ମାଗୁଣି ମନକଥା ଜାଣି
ଶୁଣିବ ବିନତି ମୋର,
ଭାବିବନି ପର ହୃଦେ ବାସକର
ସ୍ଥିର ଚିତ୍ତେ ସ୍ୱରେ ଧର।


+ଯୁବ ସାମ୍ବାଦିକ
ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
(ମୋ) ୭୯୦୪୩୯୨୬୮୬

# ଅସନ୍ତୋଷର ଅନ୍ତଃସ୍ୱର




ମାୟାଧର ନାୟକ

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


ବିଶ୍ୱର ସୃଷ୍ଟି ଠୁଁ ଆଜି ଅବଧି ଅନେକ ବିଚିତ୍ର ଓ ବୈଚିତ୍ର୍ୟମୟ ଘଟଣାମାନ ଘଟିଚାଲିଛି । ବିଗତ ୩୦୦ ବର୍ଷ ମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣା ପରେ ଏକବିଂଶ ଶତାବ୍ଦୀର ଆରମ୍ଭରେ ଅତ୍ୟନ୍ତ ଦ୍ରୁତଭାବେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ପରିବର୍ତ୍ତନ ହେବାରେ ଲାଗିଛି । ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ ଓ ଦମନ ବିରୋଧରେ ଜନ ବିସ୍ଫୋରଣ କେବେ ହେବ, ତାହା ଘଂଟ ବାଡେଇ କହି ହେବନି । ଯେବେ ହେଉଛି, ଭୟଙ୍କର ରୂପ ନେଇ ଆସୁଛି ।

ଲକ୍ଷ ଲକ୍ଷ ଜନଗଣଙ୍କ ଅସନ୍ତୋଷର ଅନ୍ତଃସ୍ୱର ସ୍ୱତଃସ୍ଫୂର୍ତ ଆନ୍ଦୋଳନର ଜୁଆରରେ ହୁଏତ ଶାସକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇପାରେ, ଶାସକ ଓ ଶାସନ ବଦଳିଯାଇପାରେ; କିନ୍ତୁ ସଠିକ୍ ନୀତି, ନେତା, ନେତୃତ୍ୱ ଓ ସଂଗଠନ ଅଭାବରୁ ପୁନଶ୍ଚ ଜନଗଣ ବିପଦରେ ପଡୁଛନ୍ତି । ଗଣତନ୍ତ୍ର, ସମାଜତନ୍ତ୍ର ନାଁରେ ଫାସିତନ୍ତ୍ର, ସ୍ୱୈରତନ୍ତ୍ର, କଳାତନ୍ତ୍ର, ଭ୍ରଷ୍ଟତନ୍ତ୍ର, ଦଲାଲିତନ୍ତ୍ର, ପୁଞ୍ଜିତନ୍ତ୍ର ଚାଲୁଛି, ଯାହା ଏବେ ବିଶ୍ୱର ବିଭିନ୍ନ ଦେଶରେ ଦୃଶ୍ୟମାନ ।

ଆଦିମ ଅରଣ୍ୟର ଅଭେଦ୍ୟ ଅଭ୍ୟନ୍ତରରୁ ଅକପଟ, ଅନାବିଳ, ଅନୁପ୍ରେରିତ ହୋଇଥିଲା ପ୍ରାଚୀନ ଯୁଗର ଜନଜୀବନ । ଧୀରେ ଧୀରେ ଧର୍ମ, ଅନ୍ଧବିଶ୍ୱାସର ବନ୍ଧନୀରେ ଛନ୍ଦି ହେଲା - ବନ୍ଦୀ ହେବାକୁ ଆରମ୍ଭ କଲା ସମାଜ । ଦାସ ପ୍ରଥା, ସାମନ୍ତବାଦ କୃଷିଭିତିକ ସମାଜ, ଶିଳ୍ପ ବିପ୍ଳବ, ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ଫାସିବାଦ, ଗଣତନ୍ତ୍ର, ସାମଜବାଦ, ସଂଶୋଧନ ବାଦ, ଆଧ୍ୟାତ୍ମିକବାଦ, ସବୁକିଛି ଭୋଗିଲାଣି ଏଇ ଧରାପୃଷ୍ଠରେ ମଣିଷ ସମାଜ । ଆଜି ଆଉ କୌଣସି 'ବାଦ' କାମ କରୁନି । କେବଳ ସାମ୍ୟବାଦର ସ୍ୱାଦ ସମାଜ ଚାଖିବାକୁ ବାକି ଅଛି ।

ବିଶ୍ୱର ଦୁଇ ଶିବିର - ସାମ୍ରାଜ୍ୟବାଦୀ ଶିବିର, ଆମେରିକା ନେତୃତ୍ୱରେ ସୋଭିଏତ୍ ରୁଷ ସମାଜବାଦୀ ଶିବିର ବେଶିଦିନ ଟିକିଲା ନାହିଁ । ଏହି ଦୁଇ ଶିବିର ବ୍ୟତୀତ ଅନ୍ୟ ବିକାଶଶୀଳ, ଅନୁନ୍ନତ, ଏକଛତ୍ରବାଦୀ, ଦେଶ ସମୂହ ୩ୟ ବିଶ୍ୱରେ ଥିଲେ - ଏମାନଙ୍କ ଅବସ୍ଥା ମଧ୍ୟ ଘାଏଲ ହୋଇଗଲା । ପୂର୍ବରୁ ଯେତେ ଯୁଦ୍ଧ ହୋଇଛି - ନାରୀ ଓ ଜମି ଥିଲା ମୂଳକାରଣ । ପରେ ପରେ ସାମ୍ରାଜ୍ୟ ଦଖଲ ନିଶା ଏବେ ସଂପତି ଦଖଲ ପାଇଁ ଅତ୍ୟାଧୁନିକ ମାରଣାସ୍ତ୍ରରେ ଭୟଙ୍କର ଯୁଦ୍ଧ ଚାଲିଛି ।

ସଂପ୍ରତି ବିଶ୍ୱ ଅର୍ଥନୈତିକ ସଂକଟ ଭୟଙ୍କର ରୂପ ପ୍ରଦର୍ଶନ କରିସାରିଲେଣି । ୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱବ୍ୟାପୀ ଅର୍ଥନୈତିକ ମାନ୍ଦାବସ୍ଥା ୨୦୨୧ରେ ମଧ୍ୟ ସୁଧୁରିବାର କୌଣସି ଲକ୍ଷଣ ଦେଖାଯାଉନି । ବିଶ୍ୱର ସର୍ବବୃହତ ଧନୀରାଷ୍ଟ୍ର ଆମେରିକା, ଚୀନ୍, ଜାପାନ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ଭାରତ ପ୍ରମୁଖ ଦେଶର ଆର୍ଥିକ ସ୍ଥିତି ଶୋଚନୀୟ ସ୍ତରକୁ ଗତି କରିଛି ।

ଦିନେ ୱାଲ ଷ୍ଟ୍ରିଟ୍ ଦଖଲ କର ପ୍ରତିବାଦ ମେଳାରେ ବିଦ୍ରୋହୀମାନଙ୍କୁ ସମସ୍ତପ୍ରକାର ସାହାଯ୍ୟ ସହଯୋଗ କରୁଛନ୍ତି । ବଦାନ୍ୟ ଲୋକେ ଥଣ୍ଡାପାଇଁ କମଳ, ବର୍ଷାପାଇଁ ଆଚ୍ଛାଦଦ, ଖାଦ୍ୟ ସବୁକିଛି ପହଂଚାଇ ଦେଉଛନ୍ତି । ଆମେରିକାର ମୁନାଫାଖୋରମାନଙ୍କ ଆଡ୍ଡା, ପୁଞ୍ଜିବାଦର ଆଡ୍ଡା, ୱାଲଷ୍ଟ୍ରିଟକୁ ଦଖଲ କର ସମାବେଶରେ ସାରାଦେଶରୁ ଲୋକେ ଛୁଟୁଛନ୍ତି । ସେମାନେ ଦାବୀ କରୁଛନ୍ତି - ବର୍ଷ ବର୍ଷ ଧରି ତୁମର ଲୋଭ, ମୁନାଫାପାଇଁ ଦେଶକୁ ବରବାଦ କରିଦେଲଣି । ଆମେ ଚାହୁଁ - ଏ ବ୍ୟବସ୍ଥାର ସଂପୂର୍ଣ୍ଣ ପରିବର୍ତ୍ତନ ।

ସାଧାରଣ ମଣିଷର ଅବସ୍ଥା ଦିନକୁ ଦିନ ଖରାପ ଆଡକୁ ଗତି କରୁଛି । ଦେଶର ଏକଭାଗ ପୁଞ୍ଜିପତି ୯୯ଭାଗ ଲୋକଙ୍କ ଉପରେ ଶାସନ ଚଳାଇଥିବାରୁ କ୍ରମଶ ଅଶାନ୍ତି ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହେବାରେ ଲାଗିଛି । ପୂର୍ବରୁ ଯେତେ ଜନବିକ୍ଷୋଭ ହୋଇଛି - ସେଥିରେ କୌଣସି ନା କୌଣସି ଦାବୀ ଥିଲା; ଯେପରି ଇରାକରେ ଯୁଦ୍ଧ ବନ୍ଦ କରିବା; କିନ୍ତୁ ଏବେ କୌଣସି ଦାବୀ ନୁହେଁ, ବରଂ ଅସନ୍ତୋଷର ପରିପ୍ରକାଶ ପାଇଁ ସହରର କୌଣସି ଅଂଶକୁ ଦଖଲ କରିବା ପାଇଁ ପରିକଳ୍ପନା କରାଯାଇଛି ।

'ଦଖଲ କର' ଆନ୍ଦୋଳନରେ ଭିନ୍ନ ଭିନ୍ନ ଗୋଷ୍ଠୀ ମତାବଲମ୍ବୀ ମଣିଷ ଯୋଗଦେଉଛନ୍ତି । ଏହି ଆନ୍ଦୋଳନର କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ନାହିଁ, କିମ୍ବା ନେତୃତ୍ୱ ନାହିଁ, ଦାବୀ ନାହିଁ, ତଥାପି ଏ ଆନ୍ଦୋଳନ ନିଉୟର୍କ ଲସ୍ ଏଞ୍ଜେଲସ୍, ବଷ୍ଟନ ସହରରେ ଆରମ୍ଭ ହୋଇଯାଇଛି । ଆନ୍ଦୋଳନକାରୀମାନେ 'ଫେସ୍‌ବୁକ୍', 'ଟୁଇଟାର' ଭଳି ସାମାଜିକ ସଂଯୋଗ ପ୍ରଯୁକ୍ତି ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଏ ଆନ୍ଦୋଳନର ଭବିଷ୍ୟତ ସଂପର୍କରେ ଅନେକ ଏବେବି ସନ୍ଦୀହୀନ ।

ଆମେରିକାରୁ ଆରମ୍ଭ ହୋଇଥିବା 'ଦଖଲ କର' ଆନ୍ଦୋଳନ ଏବେ ସୁଦ୍ଧା ୯୦ ଦେଶରେ ଏପରିକି ବିଶ୍ୱବ୍ୟାପୀ ବିସ୍ତାରଲାଭ କରିପାରେ । ଏହି ଆନ୍ଦୋଳନ ମୂଳରେ ଅନେକ କାରଣ ଅଛି । ବହୁରାଷ୍ଟ୍ରୀୟ ବାଣିଜ୍ୟ ସଂସ୍ଥା, ବ୍ୟାଙ୍କ, ଅର୍ଥଲଗାଣକାରୀ ସଂସ୍ଥାର ଅତ୍ୟଧିକ ଲାଭର ଲାଳସା ହିଁ ଅର୍ଥନୀତିର ଅବକ୍ଷୟ ତଥା ବିତୀୟ ବ୍ୟବସ୍ଥାର ବିପର୍ଯ୍ୟୟ ଡାକିଆଣିଛି । କିନ୍ତୁ 'ଦଖଲ କର' ଆନ୍ଦୋଳନ ଏପର୍ଯ୍ୟନ୍ତ ପୁଞ୍ଜିବାଦୀ ବିରୋଧୀ ଆନ୍ଦୋଳନ ହୋଇନି । ଏହି ପ୍ରତିବାଦରେ ବିଦ୍ରୋହୀମାନେ ଦଖଲ କର ସ୍ଥଳକୁ ନିଜ ଘର ଭଳି ଗଢିଛନ୍ତି । କେଉଁଠି ଆଲୋଚନା, କେଉଁଠି ଲାଇବ୍ରେରୀରେ ହଜାର ହଜାର ପୁସ୍ତକ, ପତ୍ରପତ୍ରିକା, ଟେଲିଭିଜନ, କମ୍ପ୍ୟୁଟର ଆଉ କେଉଁଠି ନାଚଗୀତ, ସ୍ଥାନେସ୍ଥାନେ ଆନ୍ଦୋଳନ ସଂପର୍କରେ ଆଲୋଚନା, ଭାଷଣ ଚାଲିଛି । ଆମେରିକା ପୁଞ୍ଜିବାଦର ଛାତି ଉପରେ ବିପ୍ଳବର ଜୁଆର । ବହିପଢା ଚାଲିଛି - ପ୍ଲାକାର୍ଡ ଲେଖାଚାଲିଛି, କ୍ଳାନ୍ତ ହେଲେ ଶୋଇପଡୁଛନ୍ତି । ବିଶ୍ୱବିଦ୍ୟାଳୟ ପ୍ରଫେସରମାନେ ଆସି ଭାଷଣ ଦେଉଛନ୍ତି । କ୍ରମେ ୱାଲ ଷ୍ଟ୍ରିଟ୍ ଦଖଲକର ଆନ୍ଦୋଳନ ସଂଗଠିତ ହେବାରେ ଲାଗିଛି । ଆନ୍ଦୋଳନ ଅହିଂସାଭାବେ ଚାଲିଛି । ସରକାରୀ ଦମନ ଆରମ୍ଭ ହେଲେ ହୁଏତ ଆମେରିକାର ମୁଖ୍ୟ ସହରଗୁଡିକରେ ରକ୍ତନଦୀ ବୋହିପାରେ । ଏବେବି କଳା-ଗୋରା ଭେଦଭାବ ରହିଛି । ସ୍ଥାନେସ୍ଥାନେ ସଂଘର୍ଷ ମଧ୍ୟ ଲାଗିରହିଛି ।

ଛାତ୍ରମାନଙ୍କ ଉପରେ ଋଣଭାର ଚାପିହୋଇଯାଉଛି । ବହୁ ପରିବାର ଗୃହଋଣ ପରିଶୋଧ କରି ନପାରି ଗୃହହରା ହୋଇଛନ୍ତି । ବେକାରି ବା ଅର୍ଦ୍ଧବେକାରି ଯୋଗୁ ସମାଜରେ ନିରାପତା ପ୍ରତି ବିପଦ ଦେଖାଦେଇଛି । ସମାଜରେ କଲ୍ୟାଣମୂଳକ ପ୍ରକଳ୍ପଗୁଡିକ ବନ୍ଦ ହେବାରେ ଲାଗିଛି । ଗରିବ ପରିବାର ଗୁଡିକ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହି ସବୁ ନାନାବିଧ କାରଣ ଯୋଗୁ 'ଦଖଲ କର' ଆନ୍ଦୋଳନ ବଢିଚାଲିଛି । ଆଜି ହୁଏତ ଏ ଆନ୍ଦୋଳନର ନେତୃତ୍ୱ ନାହିଁ, କାଲି କିନ୍ତୁ ଏହି ଆନ୍ଦୋଳନରୁ ଶହଶହ ନେତା ବାହାରିବେ ।

ଆମେରିକା ଏବେ ନିଜର ଆସୁରିକତାକୁ ତତ୍ୱ ଓ ତଥ୍ୟର ପୁଟ ଚଢାଇ ଅଭୂତପୂର୍ବ ଅର୍ଥନୈତିକ ଅଭାବ ଆତଙ୍କ ପାଇଁ ବିଶ୍ୱରଂଗମଂଚରେ ଯେତେ କୁମ୍ଭୀର କାନ୍ଦଣା କାନ୍ଦିଲେ ବି ତା'ର ଏ କୂଟନୈତିକ କ୍ରନ୍ଦନ 'ଲୁଚିଚି ନା ଗୋଡ ଦୁଇଟା ଦିଶୁଚି' ଭଳି ତାକୁ ପଦାରେ ପକାଇ ଦେବାକୁ ଯାଉଛି ଅଦୂର ଭବିଷ୍ୟତରେ । ଯେଉଁ ଆମେରିକା ସମଗ୍ର ବିଶ୍ୱରେ ବିଭିନ୍ନ ଦେଶରେ ସଂପତି ପାଇଁ ଭୟଙ୍କର କୂଟନୀତି ଚଳାଇ କେଉଁଠି ଯୁଦ୍ଧ କେଉଁଠି ଗୃହଯୁଦ୍ଧ କରାଇଛି - ସେହି ଆମେରିକାରେ ଅସନ୍ତୋଷର ଅନ୍ତଃସ୍ୱର ଆଜି ସମଗ୍ର ବିଶ୍ୱରେ ପ୍ରତିଫଳିତ ହେବାରେ ଲାଗିଛି । ସମଗ୍ର ବିଶ୍ୱ ବଦଳିବାକୁ ଆଉ ବେଶୀ ସମୟ ଲାଗିବ ନାହିଁ ।


+ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# କଟନ୍ କପଡ଼ା ପରଖିବେ କେମିତି ?



ବଜାରରୁ ଶୁଦ୍ଧ ସୂତାକପଡ଼ା କିଣିବା ସମୟରେ କପଡ଼ାକୁ ସ୍ପର୍ଶ କରି ଅନୁମାନରେ କିଣିବାକୁ ପଡ଼ିଥାଏ । ଜଣାପଡ଼େ ନାହିଁ ଏହା ଅସଲ କଟନ୍ କି ନାହିଁ । ବେଳେ କଟନ ସହ ମିଶା କପଡ଼ା ମଧ୍ୟ ଆସିଥାଏ ଯାହା ଜଣାପଡ଼େ ନାହିଁ ଓ କପଡ଼ାର ଗୁଣ ହ୍ରାସ ପାଇଥାଏ । ତେବେ ଅସଲ କଟନ୍ କପଡ଼ା କିପରି ଜାଣିବେ ତାହା ଜାଣନ୍ତୁ । ପ୍ରଥମତଃ କପଡ଼ା କିଣିବା ସମୟରେ କପଡ଼ାକୁ ଭଲ ଭାବରେ ସ୍ପର୍ଶ କରନ୍ତୁ ଓ ଗୋଟେ କୋଣରୁ ଟିକିଏ କାଟନ୍ତୁ, ଯଦି କପଡ଼ାଟି ସହଜରେ କଟିଗଲା ତାହେଲେ ଜାଣିବେ ଏହା ଶୁଦ୍ଧ ସୂତାକପଡ଼ା । ସେହି କଟା ଖଣ୍ଡକୁ ନିଆଁରେ ପୋଡ଼ନ୍ତୁ, ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି କପଡ଼ାରେ ଗଣ୍ଠି ପଡ଼େ ତାହେଲେ ସେଥିରେ ମିଶା କପଡ଼ା ଥାଏ ବୋଲି କୁହାଯାଏ । କଟନ ସୂତା କପଡ଼ା ତୁରନ୍ତୁ ଜଳିକତ ଧ୍ୱଂସ ହୋଇଯାଏ କିନ୍ତୁ ମିଶା କପଡ଼ା ଜଳିବା ସମୟରେ ଗଣ୍ଠି ହୋଇ ରହିଯାଏ । ସୂତା କପଡ଼ାକୁ ମଧ୍ୟ ଲାବ୍ରୋଟୋରୀରେ ପରୀକ୍ଷଣ କରାଯାଇପାରିବ ।

# କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍‌ଓ କେଶକୁ କ୍ଲୋଜିଙ୍ଗ, ଟୋନିଙ୍ଗ ଓ ମଇଶ୍ଚରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଶେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।

# ମଧୁମେହ ରୋଗୀଙ୍କ ନିମନ୍ତେ ଖାଦ୍ୟ

**ମଧୁମେହ ରୋଗରୁ ରକ୍ଷା ପାଇବା ନିମନ୍ତେ ନିଜ ଖାଦ୍ୟ ତାଲିକାରେ ପରିବର୍ତ୍ତନ କଲେ ସୁଫଳ ମିଳେ ବୋଲି ନିକଟରେ ଅଷ୍ଟ୍ରେଲିଆର ଏକ ଗବେଷକଦଳ ତଥ୍ୟ ଉପସ୍ଥାପନ କରିଛନ୍ତି । ବିଭିନ୍ନ ବର୍ଗର ଓ ବୟସର ଲୋକଙ୍କ ଉପରେ ସେମାନେ ଏହି ପରୀକ୍ଷା କରି ସଫଳ ହୋଇଛନ୍ତି ।**



- ♦ଅଲିଭ ତେଲ ରାନ୍ଧିବାପାଇଁ ବ୍ୟବହାର କଲେ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ହେବା ସହ ମଧୁମେହର ଆକ୍ରାନ୍ତ ହେବାରୁ ରକ୍ଷା କରିଥାଏ । ହୃଦରୋଗୀଙ୍କ ପାଇଁ ମଧ୍ୟ ଏହି ତେଲ ଉତ୍ତମ ।
- ♦ଶୁଦ୍ଧ ହଳଦୀ ଗୁଣ୍ଡକୁ ତରକାରୀ ଓ ଅନ୍ୟାନ୍ୟ ଭଜାଭଜିରେ ବ୍ୟବହାର କରିବା ଆବଶ୍ୟକ । ହଳଦି ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ ।
- ♦ଗବେଷକଙ୍କ ମତରେ ଦୈନିକ ୧ ଗ୍ରାମ୍ ଡାଲଚିନି ଖାଇଲେ ରକ୍ତରେ ଟ୍ରାଇଗ୍ଲିସରାଏଡ, ଏଲଡିଏଲ କୋଲେଷ୍ଟରଲ ହ୍ରାସ ପାଇବା ଦ୍ୱାରା ମଧୁମେହର ଆଶଙ୍କା ମଧ୍ୟ କମିଥାଏ ।
- ♦ଓଟମିଲ ନିୟମିତ ଖାଇବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଭଲ । ଏହା ରକ୍ତର ଶର୍କରାକୁ ନିୟନ୍ତ୍ରଣ କରିଥାଏ ।
- ♦ବ୍ରୋକୋଲିକୁ ସିଝାଇ ନଚେତ୍ ସୁପରେ ଅଥବା ଭାଜି କରି ଖାଇଲେ ଏଥିରେ ସଲଫରୋନ୍ ନାମକ ଉପାଦାନ ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରେ ।
- ♦ଭୋଜନ କରିବା ପୂର୍ବରୁ ଇସବଗୁଲ ପାଣି ପିଇଲେ ମଧ୍ୟ ମଧୁମେହ ବିରୋଧୀ ଭାବେ କାର୍ଯ୍ୟ କରେ ।
- ♦ମାଛରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଶରୀରର ଓଜନକୁ କମ୍ କରିବା ସହ ମଧୁମେହ ବିରୋଧରେ ମଧ୍ୟ କାମ କରେ ।
- ♦ଡାର୍କ ଚକୋଲେଟ୍, ପାଳଙ୍ଗ ଶାଗକୁ ନିୟମିତ ଖାଇବା ଦ୍ୱାରା ମଧ୍ୟ ଲାଭ ମିଳେ ।



# ଶରୀର ନିମନ୍ତେ ଜରୁରୀ ଭିଟାମିନ୍

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ବାହାର କରି ସନ୍ତୁଳିତ ଆହାର ଗ୍ରହଣ କରିବା ମହିଳାଙ୍କ କ୍ଷେତ୍ରରେ ଅଧିକାଂଶ ସମୟରେ ସମ୍ଭବ ହୋଇପାରି ନଥାଏ । ମହିଳାମାନେ ଗ୍ରହଣ କରୁଥିବା କେତେକ ଖାଦ୍ୟରେ ପ୍ରଚୁର ଭିଟାମିନ୍ ଥିବାବେଳେ ଆଉ କେତେକରେ ଅଳ୍ପ ପରିମାଣ ଭିଟାମିନ୍ ରହିଥାଏ । ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଆସନ୍ତୁ ଜାଣିବା, କେଉଁ ଖାଦ୍ୟ ମହିଳାଙ୍କୁ ସଂପୂର୍ଣ୍ଣ ଭିଟାମିନ୍



### ଭିଟାମିନ୍ -ଏ

ଭିଟାମିନ୍ -ଏରେ ଆଣ୍ଟିଆକ୍ସିଡେଣ୍ଟ ଗୁଣ ବେଶୀ ପରିମାଣରେ ଥାଏ, ଯାହାର ଆବଶ୍ୟକତା ପ୍ରତ୍ୟେକ ମହିଳାଙ୍କ ପାଇଁ ଦରକାର । ଏହି ଭିଟାମିନ୍ ଦାନ୍ତ, ହାଡ଼, ଟିସୁ୍ୟ ଓ ତ୍ୱଚା ଆଦି ପାଇଁ ଆବଶ୍ୟକ ହୋଇଥାଏ । ଗାଜର, ତରଭୁଜ, ବିଲାତି, କଖାରୁ, ପିଜୁଳି, ବ୍ରକୋଲି, ଅମୃତଭଣ୍ଡା, ପାଳଙ୍ଗ, ଅଣ୍ଡା, କ୍ଷୀର ଓ କଲିଜା ଆଦିରେ ପ୍ରଚୁର ପରିମାଣର ଭିଟାମିନ୍-ଏ ରହିଥାଏ ।

### ଭିଟାମିନ୍-ବି୨

ଏହି ଭିଟାମିନ୍ ଶରୀରର କୋଷିକା ପାଇଁ ବହୁ ପରିମାଣରେ ଆବଶ୍ୟକ ହୋଇଥାଏ । ଏହାର ଅଭାବରେ ମୁହଁ ଏବଂ ଓଠ ଶୁଖିଯାଏ । ଏଥିସହିତ ଏହାର ପ୍ରଭାବ ତ୍ୱଚା, ଆଖି ଏବଂ ରକ୍ତ ଉପରେ ମଧ୍ୟ ପଡ଼ିଥାଏ । ଏହାର ଅଭାବରେ ତ୍ୱଚାରେ ଭାଙ୍ଗ, ଏନିମିଆ (ରକ୍ତହୀନତା), ଆଖି ଭାରି ଲାଗିବା, ନିଦ ନ ହେବା ଆଦି ହୋଇଥାଏ । ଭିଟାମିନ-ବି୨ କ୍ଷୀର ଏବଂ କ୍ଷୀରେ ପ୍ରସ୍ତୁତ ଦହି, ପନିର୍ ଆଦିରେ ଥାଏ । ଏଥିସହିତ କଦଳୀ, ବିନ୍‌ସ ଓ ଅଣ୍ଡା ଆଦିରେ ମଧ୍ୟ ଏହି ଭିଟାମିନ୍ ରହିଥାଏ ।

### ଭିଟାମିନ୍- ବି୬

ମଜଭୁତ୍ ପାଚନ ତନ୍ତ୍ର ପାଇଁ ଭିଟାମିନ୍- ବି୬ ବହୁତ ଜରୁରୀ ହୋଇଥାଏ । ଏହା ଶରୀରରେ ହରମୋନ୍ ଏବଂ ମସ୍ତିଷ୍କ ପାଇଁ ରସାୟନିକ ପଦାର୍ଥ ପ୍ରସ୍ତୁତ କରିଥାଏ । ଏହା ଭୁଲା ରୋଗ, ହୃଦ ରୋଗ ଓ ଅବସାଦ ଆଦିରୁ ଦୂରେଇ ରଖେ । ଶରୀରରେ ରକ୍ତ ଶର୍କରା ସ୍ତରକୁ ମଧ୍ୟ ନିୟନ୍ତ୍ରଣ ରଖିଥାଏ । ଏହି ଭିଟାମିନ୍ ଖାଦ୍ୟଶସ୍ୟ, କଦଳୀ, ମାଂସ, ମାଛ, କାଜୁ ଓ କିସମିସ୍ ଆଦିରେ ରହିଥାଏ ।

### ଭିଟାମିନ୍ - ବି୭

ଭିଟାମିନ୍- ବି୭କୁ ବାଓଟିନ୍ ମଧ୍ୟ କୁହାଯାଇଥାଏ । ଏହା କେଶ ପାଇଁ ବହୁତ ଜରୁରୀ ଭିଟାମିନ୍ । ଏହାକୁ ଭିଟାମିନ୍ ଏଚ୍ ମଧ୍ୟ କୁହାଯାଇଥାଏ । ଏହା ରୁକ୍ଷ କେଶକୁ ପୁନଃନିର୍ମାଣ କରିବାରେ ସାହାଯ୍ୟ କରିଥାଏ । ବାଓଟିନ୍ ଅଭାବରେ କେଶର ତ୍ୱଚା ଶୁଷ୍କ ହେବା ସହ ପରଦା ଉଠିଯାଇଥାଏ । ଫଳରେ କେଶ ମୂଳ କୁଣ୍ଡେଇ ହୋଇଥାଏ । ଏହାର ଅଭାବ ପୂରଣ କରିବା ପାଇଁ ହେଲେ ମାଛ, କନ୍ଦମୂଳ, ବାଦାମ, ଗାଜର, କଦଳୀ, ହଳଦୀଆ ଫଳ, ପତ୍ରଜାତୀୟ ପରିବା, ବ୍ରାଉନ ଚାଉଳ, ଅଣ୍ଡା, ସୋୟାବିନ୍, ଲଙ୍କା, ଦହି ଆଦି ପ୍ରଚୁର ପରିମାଣରେ ସେବନ କରିବା ଆବଶ୍ୟକ ।

### ଭିଟାମିନ୍ - ସି

ଏହା କର୍କଟ ରୋଗକୁ ଏଡ଼ାଇବାରେ ସାହାଯ୍ୟ କରିବା ସହ ଦୃଷ୍ଟିଶକ୍ତିରେ ସୁଧାର ଆଣିବାକୁ ଚେଷ୍ଟା କରିଥାଏ । ରକ୍ତରେ କୋଲୋଷ୍ଟରଲ ସ୍ତରକୁ କମ୍ କରିବାରେ ସାହାଯ୍ୟ କରିଥାଏ । ଭିଟାମିନ୍- ସି ଅଭାବରେ ସ୍କର୍ଭି ନାମକ ରୋଗ ହୋଇଥାଏ, ଯାହା ଦ୍ୱାରା ଅଳ୍ପ ପରିଶ୍ରମରେ ଥକ୍କା ଲାଗିବା ସହିତ ମାଂସପେଶୀ ଦୁର୍ବଳ ହୋଇଥାଏ । ସେହିପରି ଆଣ୍ଠୁରେ କଷ୍ଟ ହେବା ସହିତ ମାଢ଼ିରୁ ରକ୍ତ ବାହାରିଥାଏ । ଏଥିପାଇଁ ବ୍ରକୋଲି, ପାଚିଲାଫଳ, ଆଳୁ, ଷ୍ଟ୍ରବେରୀ, କମଳା ଏବଂ ବିଲାତି ଆଦି ଖାଇବା ନିହାତି ଆବଶ୍ୟକ ।

### ଭିଟାମିନ୍-ଇ

ଭିଟାମିନ୍- ଇ ଆମର ଶରୀର ପାଇଁ ସଂପୂର୍ଣ୍ଣ ଉପଯୋଗୀ ହୋଇଥାଏ । ଏହା ଆଣ୍ଟିଅକ୍ସିଡେଣ୍ଟ ଭାବେ କାମ କରିଥାଏ । କୋଷିକାକୁ ଅନ୍ୟ ଏକ କୋଷିକା ସଂଯୋଗ କରିବାରେ ଭିଟାମିନ୍- ଇ ସହାୟକ ହୋଇଥାଏ । ଏହି ଭିଟାମିନ୍ ଅଣ୍ଡା, ବାଦାମ, ଆଖରୋଟ୍, ସୂର୍ଯ୍ୟମୂଖୀ ମଞ୍ଜି, ସୋରିଷ, ବ୍ରକୋଲି, ଆମ୍ବ, ଅମୃତଭଣ୍ଡା ଏବଂ କଖାରୁ ଆଦିରେ ମିଳିଥାଏ ।






## ଦୁର୍ଘଟଣାରେ ଯୁବକ ଗୁରୁତର

କୋରେଇ,୮।୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥର ପାଣିକୋଇଲି ଛକରେ ଆଜି ମଧ୍ୟାହ୍ନରେ ଏକ ଟ୍ରକ ଧକ୍କାରେ ଯୁବକ ଗୁରୁରତ ଆହତ ହୋଇଛି। ଆହତ ଜଣଙ୍କ ପାଣିକୋଇଲି ଥାନା ପଥରପଦା ପଂଚାୟତ ଅନ୍ତର୍ଗତ ମହମ୍ମଦ ଜମାଲପୁର (ଅଢ଼େଇବାଟିଆ) ଗ୍ରାମର ପଂଚାନନ ବୋଇତାଇଙ୍କ ପୁଅ ବିଜୟ ବୋଇତାଇ (୩୮) ବୋଲି ଜଣାପଡ଼ିଛି। ବିଜୟ ଆଜି ଅପରାହ୍ନ ୨ଟା ବେଳେ ୨୦ ନଂ ଜାତୀୟ ରାଜପଥର ପାଣିକୋଇଲି ଛକରେ ରାସ୍ତା ପାର ହେବା ସମୟରେ ଏକ ୧୪ଚକିଆ ଟ୍ରକ ( ଓଡି୦୯ପି ୭୬୧୩) ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା ଓ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇ ହୋଇଥିଲେ । ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଂଚି ବିଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାକୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାରେ ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ଟ୍ରକକୁ ଜବତ କରିଛି ।

# ନବନିର୍ମାଣ ମଂଚର ପ୍ରଥମ ବାର୍ଷିକ ଉତ୍ସବରେ ଯୋଗଦେଲେ ସାଂସଦ ଅପରାଜିତା

### ଚିଟଫଣ୍ଡ ଜମାକାରୀଙ୍କ ସ୍ୱାର୍ଥ ପାଇଁ ଲଢ଼ିବାକୁ ପ୍ରତିଶୃତି

ଗଞ୍ଜାମ,୮।୨ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଗତକାଲି ରାତିରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ଜନସାଧାରଣ ଏବଂ ଦଳୀୟ କର୍ମକର୍ତାଙ୍କ ସହିତ ବିଭିନ୍ନ ସାଂଗଠନିକ କାର୍ଯ୍ୟକଳାପ ବାବଦରେ ଆଲୋଚନା କରିବା ସହ ଲୋକଙ୍କ ଆପତି ଅଭିଯୋଗ ଶୁଣିଥିଲେ । ଆଜି ସେ ଆସିକା ସ୍ଥିତ ନବନିର୍ମାଣ ମଂଚର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଉଦବୋଧନ ଦେଇଥିଲେ । ବିଶେଷ କରି ଚଳିତ ପାର୍ଲାମେଂଟ ଅଧିବେଶନରେ ଗଞ୍ଜାମ ଜିଲ୍ଲାର ହଜାର ହଜାର କ୍ଷତିଗ୍ରସ୍ତ ଚିଟଫଣ୍ଡ ଜମାକାରୀଙ୍କ ସ୍ୱାର୍ଥ ପାଇଁ ଦାବି କରିବେ ବୋଲି ସୂଚନା ଦେଇଛନ୍ତି। ଜମାକାରୀମାନେ ସେମାନଙ୍କ ଜମା ଟଙ୍କା କିପରି ଶୀଘ୍ର ଫେରିପାଇବେ ସେ ସମ୍ପର୍କରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲାକୁ ଉପେକ୍ଷା କରି ଏଠାରେ କୌଣସି ବିକାଶ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିନଥିବାରୁ ଜିଲ୍ଲାରୁ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକ ଗୁଜୁରାଟର ସୁରତ ଓ ଅନ୍ୟାନ୍ୟ ରାଜ୍ୟରେ ଯାଇ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି । ଗଞ୍ଜାମ ଜିଲ୍ଲା ଆସିକାରେ ବନ୍ଦ ପଡିଥିବା ସୂତାକଳ ଓ ରୁଗଣ ଅବସ୍ଥାରେ ଥିବା ଚିନି କାରଖାନାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସେ ଦାବି କରିବେ ବୋଲି ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ ।

# ଚୋରାମଦ ପିଇ ରାସ୍ତାରେ ଗଡୁଛନ୍ତି ଯୁବକ

କେନ୍ଦ୍ରାପଡା,୮।୨ (ନି.ପ୍ର): ସରକାରଙ୍କ ମଦ ପ୍ରସାରଣ ନୀତି ଫଳରେ ଜିଲ୍ଲା ସାରା ଚୋରା ମଦ କାରବାର ବ୍ୟାପକ ଭାବେ ବୃଦ୍ଧି ପାଇଚି । ସହରାଂଚଲ ମାନଙ୍କରେ ବହୁ ସଂଖ୍ୟକ ମଦ ଦୋକାନ ଖୋଲା ଯାଇଥିବା ବେଳେ ଏହା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଥିବା ପାନ ଦୋକାନ ଗୁଡିକରେ ଚୋରାମଦ ବିକ୍ରିର ବ୍ୟାପକ ପ୍ରସାର ଘଟିଥିବାରୁ ସମାଜ ପାଇଁ ଏହା ଗୁରୁତର ପ୍ରଭାବ ପକାଇଛି । ସହଜରେ ମିଳୁଥିବା ଏହି ଚୋରାମଦ ଯୁବକ ମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଥିବା ବେଳେ ମଦ ପିଇ ମାତାଲ ହୋଇ ଯୁବକ ମାନେ ଅଚେତ ହୋଇ ରାସ୍ତାରେ ପଡି ରହୁଥିବା ଦେଖିବାକୁ ମିଳିଛି । ଏହା ଦ୍ୱାରା ଆମ୍ବୁଲାନ୍ସ ଠାରୁ ଆରମ୍ଭକରି ଜରୁରୀ କାଳୀନ ଗାଡିମାନ ରାସ୍ତାରେ ଅନେକ ସମୟ ଧରି ଛିଡାହୋଇ ରହୁଛି । ଜିଲ୍ଲା ଅବକାରୀ ବିଭାଗକୁ ସହରରେ ବିକ୍ରି ହେଉଥିବା ଚୋରାମଦ ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ କଲେ ମଧ ଅବକାରୀ ବିଭାଗ ନୀରବ ରହୁ ଥିବାରୁ ଏହି ଚୋରା ବ୍ୟବସାୟୀ ମାନେ ଦିନକୁ ଦିନ ଆହୁରି ସକ୍ରିୟ ହୋଇ ଯାଉଛନ୍ତି । ତୁରନ୍ତ ଏହି ଚୋରା ମଦ ବ୍ୟବସାୟୀଙ୍କୁ ଧରିବାକୁ ସାଧାରଣରେ ଦାବି ଜୋର ଧରିଛି ।

# ଭୋଜିକୁ ଯାଇ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ : ହତ୍ୟା ସନ୍ଦେହ

ବଲାଙ୍ଗିର,୮।୨ (ନି.ପ୍ର): ଭୋଜିକୁ ଯାଇ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଆଜି ସକାଳେ ଠାବ କରାଯାଇଛି । ମୃତକଙ୍କ ନାମ ଗଣ୍ଡପତି ବଛା । ତାଙ୍କ ଘର ଭାଲୁମୁଣ୍ଡା ପଚାଂୟତ ଅନ୍ତର୍ଗତ ଗଞ୍ଜାବାହାଲ ଗ୍ରାମରେ । ଭାଲୁମୁଣ୍ଡା-ବେଲପଡ଼ା ରାସ୍ତାରେ ଏକ ଗଛ ନିକଟରେ ତାଙ୍କ ମୃତଦେହ ଠାବ କରାଯାଇଛି । ସୂଚନା ଅନୁଯାୟୀ, ଗଣ୍ଡପତି ଭାଲୁମୁଣ୍ଡା ଗ୍ରାମରେ ଲୁଗା କାମ କରନ୍ତି । ଭୋଜି ଅଛି ବୋଲି କହି ସେ ଗତକାଲି ରାତିରେ ଘରୁ ବାହାରି ଯାଇଥିଲେ । ଏହାପରେ ସେ ଆଉ ଫେରିନଥିଲେ। ଖବର ପାଇ ଆଜି ସକାଳେ ବଙ୍ଗୋମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଉଦ୍ଧାର କରିଛି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିବା ଏବଂ ସେ ବ୍ୟବହାର କରୁଥିବା ବାଇକ୍ ଟି ଘଟଣାସ୍ଥଳ ଠାରୁ ପ୍ରାୟ ୫୦ ମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଛି । ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ବଙ୍ଗୋମୁଣ୍ଡା ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ: ୨୯ ଲିଟର ମଦ ଜବତ, ଦୁଇ ଗିରଫ

ଗଞ୍ଜାମ,୮।୨ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଗତ ୬ ତାରିଖ ସକାଳ ୬ଟା ଠାରୁ ୭ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଘଂନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବା ୨୪୫ ଜଣ ଗାଡି ଚାଳକଙ୍କ ଚାଲାଣ କଟାଯାଇଥିଲା । ସେମାନଙ୍କୁ ଏଥି ନିମନ୍ତେ ୧ ଲକ୍ଷ ୨୨ ହଜାର ଟଙ୍କା ଜୋରିମାନା କରାଯାଇଥିଲା । ଅନୁରୂପ ଭାବେ ଭେଇକିଲ୍ ଆକ୍ଟ ଉଲ୍ଲଘଂନ କରିଥିବା ୩୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି । ସେହିପରି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୨୯ ଲିଟର ମଦ ଜବତ ହୋଇଛି । ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଥାନାରେ ପୃଥକ୍ ପୃଥକ୍ ଦୁଇଟି ଅବକାରୀ ମାମଲା ରୁଜୁ ହୋଇଛି ।

# ବିକ୍ରୟ କ୍ଷେତ୍ରରେ ଏକ ପ୍ରମୁଖ ଉପଲବ୍ଧି : ବୟନିକାର ୱେଡିଙ୍ଗ୍ କଲେକ୍ସନ ଉଦ୍‌ଘାଟିତ

ଭୁବନେଶ୍ୱର,୮।୨ (ନି.ପ୍ର): ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା), ଓଡ଼ିଶା ହସ୍ତତନ୍ତ ଉଦ୍ୟୋଗର ସର୍ବପୁରାତନ ତଥା ଏକମାତ୍ର ଶୀର୍ଷ ବିପଣନ ସଂସ୍ଥା ଯାହାକି ଦୀର୍ଘ ୬୪ ବର୍ଷ ଧରି ଓଡ଼ିଶା କଳାର ପ୍ରଚାର, ପ୍ରସାର ତଥା ସର୍ବାଙ୍ଗୀନ ଉନ୍ନତି ପାଇର୍ କାର୍ଯ୍ୟ କରିଆସୁଅଛି । ଏହା ଓଡ଼ିଶାର ହଜାର ହଜାର ବୁଣାକାରଙ୍କ ଜୀବିକା ନିର୍ବାହର ମୁଖ୍ୟ ପାଥେୟ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ବିପଣନର ସର୍ବୋତମ ମାଧ୍ୟମ । ବୟନିକା ଏହାର ଅନୁବନ୍ଧିତ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ବିବାହ ଉତ୍ସବ ଉପଯୋଗୀ ବସ୍ତ୍ରର ବିକ୍ରି ଆରମ୍ଭ କରିବାକୁ ଯାଉଛି । ଆଜି ସନ୍ଧ୍ୟାରେ ଓଡ଼ିଶା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଦ୍ୱାରା ରବିବାର ସନ୍ଧ୍ୟା ଘ.୬.୩୦ମିନିଟ୍ ସମୟରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩ରେ ଚାଲୁଥିବା ଜାତୀୟସ୍ତରୀୟ ହସ୍ତତନ୍ତ ମେଳାରେ ଏହା ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଆଇଏଫ୍‌ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଶୋଭନ କୁମାର ସାହୁ, ଜ୍ୟୋତି ପ୍ରକାଶ ଦାସ, ବୟନଶିଳ୍ପ ନିର୍ଦ୍ଦେଶକ ତଥା ପରିଚାଳନା ନିର୍ଦ୍ଦେଶକ, ବୟନିକା ଏବଂ ଅନ୍ୟାନ୍ୟ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ । ବୟନିକାର ପୁନଃବିନ୍ୟାସ ପରେ ଏହି ସଂସ୍ଥା ଓଡ଼ିଶା ହସ୍ତତନ୍ତ ବସ୍ତ୍ରର ବିକ୍ରୟ କ୍ଷେତ୍ରରେ ଏକ ବୈପ୍ଳବିକ ଅଭିବୃଦ୍ଧି ହାସଲ କରିଅଛି ଓ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଏହାର ଅନୁବନ୍ଧିତ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଆଧୁନିକ ବସ୍ତ୍ର ମୁଖ୍ୟ କାର୍ଯ୍ୟାଳୟ ପ୍ରଥମ ମହଲାରେ ଏକ ଆଧୁନିକ ବିକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରି କରାଯାଉଅଛି । ଏତଦ୍‌ବ୍ୟତୀତ ବୟନିକା ଓଡ଼ିଶାର ବୁଣାକାରମାନଙ୍କର ସାମାଜିକ ତଥା ଅର୍ଥନୈତିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଅଛି । ଏହି କ୍ରମରେ ବୟନିକା ଦ୍ୱାରା ନିଆଯାଉଥିବା କେତେକ ପ୍ରମୁଖ କାର୍ଯ୍ୟକ୍ରମ ହେଲା-ଓଡ଼ିଶାର ବିଭିନ୍ନ ପ୍ରମୁଖ ହସ୍ତତନ୍ତ ବସ୍ତ୍ରର ଭୌଗଳିକ ସୂଚକ ଅନୁବନ୍ଧନ, ବିଭିନ୍ନ ଦେଶୀୟ-ଅର୍ନ୍ତଦେଶୀୟ ମେଳା ମାଧ୍ୟମରେ ଓଡ଼ିଶା ବସ୍ତ୍ରର ପ୍ରଚାର ଓ ପ୍ରସାର, ଉଚିତ ମୂଲ୍ୟରେ ଉନ୍ନତମାନର କଂଚାମାଲ୍ (ସୂତା) ଯୋଗାଣ ଇତ୍ୟାଦି । ବର୍ତମାନର ଯାନ୍ତ୍ରିକ ଯୁଗରେ ମଧ ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ନୂଆପାଟଣା ଖଣ୍ଡୁଆ ଶାଢ଼ୀ, ସୋନପୁରୀ ବମ୍‌କେଇ ଶାଢ଼ୀ, କୋଟ୍‌ପାଡ୍ ଶାଢ଼ୀ, ଯାଜପୁର ଅନ୍ତର୍ଗତ ଗୋପାଳପୁରର ଟସର ବସ୍ତ୍ର ଇତ୍ୟାଦି ଦେଶ ବିଦେଶରେ ବିଶେଷଭାବେ ଆଦୃତ ଲାଭକରିପାରିଛି । ଏହି ସବୁ କପଡାରୁ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଅତ୍ୟାଧୁନିକ ବସ୍ତ୍ର ଆଜିର ଯୁବ ପିଢ଼ିଙ୍କୁ ଅତ୍ୟନ୍ତ ଆକୃଷ୍ଟ କରୁଛି । ବିବାହ ଉତ୍ସବ ବସ୍ତ୍ର ଏହାର ଏକ ଅଂଶ ବିଶେଷ । ଏହି ସବୁ ବସ୍ତ୍ର ଓଡ଼ିଶାର କଳା, ସଂସ୍କୃତି ଓ ଆଧୁନିକତାର ସୁନ୍ଦର ମିଶ୍ରଣ । ଏହି ବସ୍ତ୍ରଗୁଡ଼ିକ ମେଳା ସରିବାପରେ ମୁଖ୍ୟ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଡିଜାଇର୍ନ କଲେକ୍ସନ୍ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ହେବ ।

# ବିଦ୍ୟୁତ୍ ଖୁଣ୍ଟରେ ପିଟି ହେଲା ଯାତ୍ରୀବାହୀ ବସ୍ : ୪ ଆହତ




ବୌଦ୍ଧ,୮।୨ (ନି.ପ୍ର): ବୌଦ୍ଧ ଜିଲ୍ଲା ଖୁଣ୍ଟବନ୍ଧ ନିକଟରେ ଏକ ଯାତ୍ରୀବାହୀ ବସ୍ ଓଲଟିଥିବାର ଖବର ମିଳିଛି । ଏଥିରେ ୪ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ ଆଜି ଭୋର ସକାଳୁ ମୁନଲାଇଟ ନାମକ ଏକ ଯାତ୍ରୀବାହୀ ବସ ଭବାନୀପାଟଣାରୁ ଭୁବନେଶ୍ୱର ଯାଉଥିବା ବେଳେ ଖୁଣ୍ଟବନ୍ଧରେ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୪ ଜଣ ଆହତ ହୋଇଥିବା ବେଳେ ୫୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବର ପାଇ ବୌଦ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ ଯୋଗେ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇଥିବା ଜଣାପଡ଼ିଛି । ତେବେ ଏ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି ପୁଲିସ ।

# ୧୦ରେ କଂଗ୍ରେସର ମହା ଆନ୍ଦୋଳନ : ମାଟି ପାଇଁ ପାଟି ଖୋଲ

କେନ୍ଦ୍ରାପଡା,୮।୨ (ନି.ପ୍ର): କେନ୍ଦ୍ରାପଡା ମାଟି ପାଇଁ ପାଟି ଖୋଲିବାକୁ ପଡିବ । ଦଳ ମତ ନିର୍ବିଶେଷରେ ଜିଲ୍ଲାର ବିକାଶ ପାଇଁ ଆଗକୁ ଆସିବାକୁ ପଡିବ । ନାର୍ଯ୍ୟଦାବି ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ଗଣ ଆନ୍ଦୋଳନ ରେ ସାମିଲ ହେବାକୁ ଜିଲ୍ଲା କଂଗ୍ରେସ ଆହ୍ୱାନ ଦେଇଛି । ଚଳିତ ମାସ ୧୦ତାରିଖରେ ଏଥିପାଇଁ ଏକ ମହା ଆନ୍ଦୋଳନର ଡାକରା ଦେଇ ଜନ ଜାଗରଣ ସୃଷ୍ଟି ସହ ଆନ୍ଦୋଳନ କୁ ଆହୁରି ତୀବ୍ର କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି । କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ନେତା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା ପୌରହିତ୍ୟ କରି ମାଟି ପାଇଁ ପାଟି ଖୋଲିବାକୁ ଓ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଆନ୍ଦୋଳନ ସଂପର୍କରେ ସୂଚନା ଦେଇଥିଲେ । ଜିଲ୍ଲାର ୧୫ ଲକ୍ଷ ଲୋକଙ୍କ ମଧ୍ୟରେ ୭୦ ଭାଗ କୃଷି ଉପରେ ନିର୍ଭର କରୁଥିବା ବେଳେ ଓ ୨୨ ଭାଗ ଅନୁସୂଚିତ ଜାତି ଓ ଜନଜାତି ଅନ୍ତର୍ଗତ ଅଟନ୍ତି । ଏମାନଙ୍କ ପାଇଁ ବ୍ୟୟ ବହୁଳ ଚିକିତ୍ସା ସୁବିଧା ସହଜରେ ମିଳିପାରି ନାହିଁ । ରାଜ୍ୟ ସରକାର ନୂଆ ୭ଟି ମେଡିକାଲ କଲେଜ ଖୋଲୁଥିବା ବେଳେ ଅବହେଳା ପ୍ରଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଜିଲ୍ଲାକୁ ୧ନଂ ଜିଲ୍ଲାରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇ ନାହାଁନ୍ତି । ଏହି ଅବିଚାର ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କଂଗ୍ରେସ ପକ୍ଷରୁ ୧୦ ତାରିଖରେ ଦୁହୁରିଆ ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲା କାର୍ଯ୍ୟାଳୟ ପାଖରେ ସଭାର ଆୟୋଜନ କରାଯିବ । ଏଥିରେ ପ୍ରଦେଶ କଂଗ୍ରେସ ସବାପତି ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ବିଧାୟକ ସୁର ରାଉତରାୟ, ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି ଓ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପ୍ରମୁଖ ଅଂଶ ଗ୍ରହଣ କରିବେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ପୂର୍ବନି ନଗରପାଳ ଆକବର ଅଲ୍ଲୀ, ସୌମେନ୍ଦ୍ର ପୃଷ୍ଟି, ଶିବ ପ୍ରସାଦ ବିଶ୍ୱାଳ, ମୁକ୍ତାର ଖାନ, ସସ୍ମିତ ଶ୍ରୀଚନ୍ଦନ, ମିର ମୁରସିଦ, ଆଶିଷ ମେକାପ, ମହେନ୍ଦ୍ର ପରିଡା, କମଳାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରଙ୍କ ଟାର୍ଗେଟ୍‌ରେ ମନ୍ଦିର : ତିନି ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରୀ

ଗଞ୍ଜାମ,୮।୨ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଂଚଳରେ କିଛି ଦିନର ନିରବତା ପରେ ପୁଣି ଚୋରୀ ବୃଦ୍ଧି ପାଇଛି । ଗତକାଲି ରାତିରେ ଏହି ଥାନା ଅନ୍ତର୍ଗତ ଆଠଗଡ଼ ପାଟଣା ଗ୍ରାମରେ ଗତକାଲି ରାତିରେ ତିନୋଟି ମନ୍ଦିରରୁ ଚୋର ମାନେ ପଶି ହୁଣ୍ଡି ଭାଙ୍ଗି ଭକ୍ତ ଦାନ ଟଙ୍କା ଓ ମନ୍ଦିରର ସୁନା ଲୁଟ୍ କରିଥିବା ଜଣାପଡିଛି । ଏଠାରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର, କାଳୀ ମନ୍ଦିର, ଛିନ୍ନମସ୍ତା ମନ୍ଦିରରୁ ଚୋର ମାନେ ହୁଣ୍ଡି ଭାଙ୍ଗି ଟଙ୍କା ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି କବିସୂର୍ଯ୍ୟନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରୀ ରଖିଥିଲେ ମଧ ଚୋର ମାନଙ୍କୁ ଧରିବାରେ ବିଫଳ ହୋଇଛି ।

# ଖପ୍ରାଖୋଲ ଅଂଚଳରେ ମହାବଳ ବାଘ : ବନ ବିଭାଗର ଅସ୍ୱୀକାର

ଖପ୍ରାଖୋଲ ,୮।୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଂଚଳରେ ମହାବଳ ବାଘ ବୁଲୁଥିବା ନେଇ ଗତ ତିନିଦିନ ହେଲା ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ଅଂଚଳରେ ଭୟର ବାତାବରଣ ଦେଖାଦେଇଛି। ଖପ୍ରାଖୋଲ ଗାଁର କ୍ଷେତରେ ରହୁଥିବା ଦେବରାଜ ବନଛୋର ଖପ୍ରାଖୋଲ- ପାଟଣାଗଡ଼ ରାସ୍ତା ପୁରୁଣା ଗୋଦାମ ସାମନା ପଟୁ ମହାବଳ ବାଘ ଗତ ଗୁରୁବାର ଭୋରରେ ରାସ୍ତା ପାରି ହେବା ବେଳେ ଦେଖିଥିବା କହୁଛନ୍ତି। ବାଘର ପାଦ ଚିହ୍ନ ମଧ ଦେଖିଥିବା ସେ ପ୍ରକାଶ କରିଛନ୍ତି। ଏ ଖବର ପ୍ରଚାର ହେବା ପରେ ଖପ୍ରାଖୋଲ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଖପ୍ରାଖୋଲର ଗୋଟିଏ ପଟେ ଥିବା ବାଘେନ ସଂରକ୍ଷିତ ଜଙ୍ଗଲ, ଥୁଟା ସଂରକ୍ଷିତ ଜଙ୍ଗଲ ଗନ୍ଧମାର୍ଦ୍ଦନ ପାହାଡ଼କୁ ଲାଗିଛି। ଖପ୍ରାଖୋଲର ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ, ବେନ୍ଦେର ସଂରକ୍ଷିତ ଜଙ୍ଗଲ ନୂଆପଡ଼ା ଜିଲ୍ଲାର ସୁନାବେଢ଼ା ବ୍ୟାଘ୍ର ଅଭୟାରଣ୍ୟକୁ ସଂଯୋଗ କରୁଛି। ୩ ବର୍ଷ ତଳେ ଖପ୍ରାଖୋଲ ବ୍ଲକ୍ ଲାଠୋର ରେଂଜର ଚୋରମୁଣ୍ଡା ଗାଁ ନିକଟରେ ଏକ ମହାବଳ ବାଘର ମୃତଦେହ ଉଦ୍ଧାର ହୋଇଥିଲା। ୨ ବର୍ଷ ତଳେ ଗନ୍ଧମାର୍ଦ୍ଦନ ପାହାଡ଼ରେ ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର ହୋଇଥିଲା। ସେହିପରି ୨ ମାସ ତଳେ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ରେଙ୍ଗାଲି ଗାଁରେ ଏକ କଲରାପତରିଆ ବାଘ କିଛି କୁକୁଡ଼ା ଖାଇଥିବା ମଧ ଜଣାଯାଇଥିଲା। ଏବେ ଖପ୍ରାଖୋଲ ପାଖରେ ମହାବଳ ବାଘ ବୁଲିବା ଘଟଣାକୁ ଲୋକେ ଅସ୍ୱୀକାର ମଧ କରୁ ନାହାଁନ୍ତି। ସେହିପରି ଖପ୍ରାଖୋଲ ପାଖ ଭେଲୁଆଖୋଲ ଥୁଟା ଜଙ୍ଗଲରେ କିଛି ବାହାଙ୍କ ମୃତଦେହର ଅବଶିଷ୍ଟାଂଶ ପଡ଼ିଥିବା କେତେକ ପ୍ରତକ୍ଷଦର୍ଶୀ କହିଛନ୍ତି। ଯାହାକୁ ନେଇ ଅଂଚଳରେ ବାଘ ବୁଲିବା ଚର୍ଚ୍ଚା ଜୋର ଧରିଛି। ଏ ସଂପର୍କରେ ହରିଶଙ୍କର ଜଙ୍ଗଲ ବିଭାଗ ରେଂଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କୁ ପଚାରିବାରୁ ଖପ୍ରାଖୋଲ ନିକଟରେ ମହାବଳ ବାଘ ବୁଲିବା ଘଟଣାକୁ ଅସ୍ୱୀକାର କରିଥିଲେ। ଖବର ଶୁଣିଲା ପରେ ସେ କର୍ମଚାରୀଙ୍କୁ ପଠାଇ ପଞ୍ଝା ଚିହ୍ନଟ କରିବାକୁ କହିଥିଲେ। ହେଲେ ସେପରି କୌଣସି ଚିହ୍ନ ମିଳି ନଥିଲା ବୋଲି ସେ କହିଥିଲେ।

# ୨୬ରେ ଡଙ୍ଗରିଆଙ୍କ ନିୟମ ରାଜା ପର୍ବ



ଭବାନୀପାଟଣା ,୮।୨ (ନି.ପ୍ର): ପ୍ରତିବର୍ଷ ପରି ଆସନ୍ତା ୨୬, ୨୭ ଓ ୨୮ ତିନିଦିନ ବ୍ୟାପୀ କଳାହାଣ୍ଡି ରାୟଗଡ଼ା ସୀମାନ୍ତ ନିୟମଗିରି ପର୍ବତ ଶିଖର ଉପରେ ନିୟମରାଜା ପର୍ବ ଧୁମଧାମ୍‌ର ସହିତ ପାଳିତ ହେବ ବୋଲି ନିୟମଗିରି ସୁରକ୍ଷା ସମିତି ନିଷ୍ପତ୍ତି ନେଇଛନ୍ତି। ଜଳ, ଜମି, ଏବଂ ଜଙ୍ଗଲର ସୁରକ୍ଷା ତଥା ନିୟମଗିରିକୁ ବଞ୍ଚାଇବା ପାଇଁ ଏହି ଅଞ୍ଚଳର ଆଦିବାସୀମାନେ ସେମାନଙ୍କ ଆରାଧ ଦେବତା ନିୟମରାଜାକୁ ପୂଜାକରି ଆସୁଛନ୍ତି। ପ୍ରକୃତିର ନିୟମଗିରି ପର୍ବତ ଉପରେ ପ୍ରାୟ ୨ଶହ ଖଣ୍ଡ ଗାଁର ଆଠ ହଜାରରୁ ଅଧିକ ଡଙ୍ଗରିଆ ଏବଂ ଝରଣିଆ କନ୍ଧ ବସବାସ କରିଥାନ୍ତି। ଏହି ଆଦିବାସୀମାନେ ପର୍ବତ ଉପରେ କାନ୍ଦୁଲ, ମାଣ୍ଡିଆ, କୋଳଥ, ମକା, କମଳା, କଦଳୀ, ସପୁରୀ ଆଦି ଚାଷକରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଖଣିକୁ ରାଜ୍ୟ ସରକାର ସାଗମାଛ ଦରରେ ଟେକି ଦେଇ ଆଦିବାସୀଙ୍କ ଜୀବନ ଜୀବିକାକୁ ଛଡାଇ ନେବାକୁ ଯେଉଁ ଅପଚେଷ୍ଟା କରୁଛନ୍ତି ତାକୁ ଡଙ୍ଗରିଆ ଓ ଝରଣିଆ ଆଦିବାସୀମାନେ ଦୀର୍ଘ ବର୍ଷ ହେଲା ବିରୋଧ କରି ଆସୁଛନ୍ତି। ଏହା ସହିତ ପୁଲିସ ଏବଂ ସିଆରପିଏଫ୍ ମାଓବାଦୀ ନାଁରେ ଆଦିବାସୀମାନଙ୍କୁ ଯେଉଁ ଭଳି ହଇରାଣ କରୁଛନ୍ତି ତାକୁ ମଧ ଆଦିବାସୀମାନେ ବିରୋଧ କରୁଛନ୍ତି। ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନଙ୍କ ବିଶ୍ୱାସ ରହିଛି ଯେ ସେମାନଙ୍କ ଆରାଧ ଦେବତା ନିୟମରଜାକୁ ବଳି ଦେଇ ସନ୍ତୁଷ୍ଟ କଲେ ସମସ୍ତ ରୋଗ ଓ କୁଷ୍ଟରୁ ମୁକ୍ତି ମିଳିବ। ସେମାନଙ୍କ ଫସଲ ଉତ୍ପାଦନ ବଢିବ। ପ୍ରତିବର୍ଷ ନିୟମଗିରି ପର୍ବତ ଶିଖର ଉପରେ ଥିବା ନିୟମରାଜାଙ୍କ ଧରଣୀ ପେନୁଠାରେ ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ପାରମ୍ପାରିକ ପୋଷାକ ଓ ଅସ୍ତ୍ର ଶସ୍ତ୍ର ଧରି ନାଚଗୀତ କରିବା ସହିତ ଧରଣୀ ପେନୁଠାରେ କୁକୁଡା, ପାରା, ବୋଦା, ଘୁଷୁରୀ ଓ ପୋଡ ଆଦି ବଳି ଦେଇ ନିୟମରାଜାକୁ ସନ୍ତୁଷ୍ଟ କରିବା ସହିତ ରକ୍ତ ଚାଉଳ ଧରି ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନିୟମଗିରିର ସୁରକ୍ଷା ପାଇଁ ବଜ୍ର ଶପଥ ନେଇଥାନ୍ତି। ତିନିଦିନ ଧରି ହେବାକୁ ଥିବା ନିୟମରାଜା ପର୍ବରେ ବିଭିନ୍ନ ଜନ ଆନ୍ଦୋଳନ ସଂଗଠନ, ସେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀଙ୍କୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ନିୟମଗିରି ସୁରକ୍ଷା ସମିତି କଳାହାଣ୍ଡି ଓ ରାୟଗଡା ପକ୍ଷରୁ ଆଦିବାସୀ ନେତା ଦଧି ପୁସିକା, ଡେଞ୍ଜୋ ପୁସିକା, ଲିଙ୍ଗରାଜ ଆଜାଦ, ସତ୍ୟ ମାହାରଙ୍କ ସମେତ ନିୟମଗିରି ଅଞ୍ଚଳରେ ବାସ କରୁଥିବା ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ଏହି ଆହ୍ୱାନ କରିଛନ୍ତି।

# ମେଡିକାଲ କଲେଜ ସ୍ଥାପନା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ : ମିଳିତ କ୍ରିୟାନୁଷ୍ଠାନ କମିଟି

କେନ୍ଦ୍ରାପଡା,୮।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନା ଦାବିନେଇ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେଉଥିବା ଜଣା ପଡିଛି । ୧୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡା ଜିଲ୍ଲାର ଜନ ସାଧାରଣଙ୍କୁ ଉନ୍ନତମାନ ର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମେଡିକାଲ କଲେଜ ସ୍ଥାପନା ଦାବି ପ୍ରତି ଜନ ସମର୍ଥନ ଦିନକୁ ଦିନ ବଢିବାରେ ଲାଗିଛି । ସମଗ୍ର ରାଜ୍ୟରେ ୩ଟି ମେଡିକାଲ କଲେଜ ଥିବାବେଳେ ଏହାକୁ ବୃଦ୍ଧିକରି ୧୦ରେ ପହଁଚାଇ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ସେଥିରୁ ବାଦ୍ ପଡିଛି । କୃଷି ପ୍ରଧାନ କେନ୍ଦ୍ରାପଡା ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ, ରାଜପଥ ଓ ରେଳପଥ ଜନିତ ଦୁର୍ଘଟଣାର ଶିକାର ହେଉଥିବା ଲୋକ ମାନଙ୍କୁ ମେଡିକାଲ କଲେଜ ଦ୍ୱାରା ସହଜରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ପାରିବ । ଏହାକୁ ଦୃଷ୍ଟିରେ ରଖି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଏକ ବୈଠକ ଆହ୍ୱାନ କରାଯାଇ ଥିଲା । ଜିଲ୍ଲାବାସୀଙ୍କ ଠାରୁ ଶାସକ ରାଜନୈତିକ ଦଳ ସମସ୍ତ ପ୍ରକାର ସହଯୋଗ ପାଉଥିବା ବେଳେ ଜନ ସାଧାରଣଙ୍କ ଏହି ନାର୍ଯ୍ୟ ଦାବି ପ୍ରତି ଅବହେଳା ପ୍ରଦର୍ଶନ କରୁଥିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି । ଏହି ବୈଠକରେ କ୍ରିୟାନୁଷ୍ଠାନ କମିଟିର ଅଜୟ ସାମଲ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୟାଧର ଧଳ, ଗଣେଶ୍ୱର ବେହେରା, ଚିନ୍ମୟ ପ୍ରସାଦ ବେଉରା, ସାଧାରଣ ସଂପାଦକ ରମଣୀ ରଞ୍ଜନ ରାଉତ, ବାବାଜୀ ଧଳ, ଭଜକୃଷ୍ଣ ରାଉତ, ସରୋଜରାଜ ସିଂହ, ମହମ୍ମଦ ଆକବର ଅଲ୍ଲୀ, ଫକିର ଖଟୁଆ, ବିଧୁ ଭୂଷଣ ମହାପାତ୍ର, ସୁହାନା ବେଗମ, ମୁକ୍ତାର ଖାନ, ସୁବାସିନୀ ଭଦ୍ର, ଆଦିକନ୍ଦ ରାଉଳ, ରଞ୍ଜନ ମଲିକ, ଗୌରାଙ୍ଗ ସାମଲ ପ୍ରମୁଖ ଉପସ୍ଥିତ ରହି ମେଡିକାଲ କଲେଜ ସ୍ଥାପନା ପର୍ଯ୍ୟନ୍ତ ଆନ୍ଦୋଳନ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏହା ସହ ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦଙ୍କୁ ଭେଟି ଏହି ଦାବିପ୍ରତି ସମର୍ଥନ ହାସଲ କରିବା ପାଇଁ ଉଦ୍ୟମ କରାଯିବ ଓ ମାର୍ଚ୍ଚ ୪ ତାରିଖରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସାମୁହିକ ଗଣ ଧାରଣା ଦିଆଯିବ ବୋଲି ନିଷ୍ପତି ଦିଆଯାଇଛି ।

## ତୃତୀୟ ବର୍ଗ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୮।୨ (ନି.ପ୍ର): ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର କେନ୍ଦ୍ରାପଡା ଶାଖା ପକ୍ଷରୁ ଉନ୍ନୀତ ତୃତୀୟ ବର୍ଗ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । କେନ୍ଦ୍ରାପଡା ବ୍ଲକ ଜମଧର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟରେ ଶିକ୍ଷାଦାନ, ସ୍କୁଲ ପରିଚାଳନା ଓ ବିଦ୍ୟାର୍ଥୀ ମାନଙ୍କ ଚରିତ୍ର ଗଠନରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ ।

## କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର,୦୮।୦୨ (ନି.ପ୍ର): ବିଶିଷ୍ଟ କବି ତଥା ସ୍ୱାଧୀନତା ସଂଗ୍ରାମୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡିଆ ସାହିତ୍ୟ ଜଗତର ଜଣେ ଅନନ୍ୟା ଅଦ୍ୱିତୀୟା ନାରୀ ଓ ସ୍ୱାଧୀନତା ସଂଗ୍ରାମୀ 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

# ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ରୂପଖଣ୍ଡ ବାଲେଶ୍ୱର ଚମ୍ପିୟାନ୍

ବାସୁଦେବପୁର,୦୮।୦୨ (ନି.ପ୍ର): ବରଣ୍ଡୁଆ ତୋଟା ପଡିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇତି ମଧ୍ୟରେ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ ଏବଂ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ରୂପଖଣ୍ଡ ବାଲେଶ୍ୱର ୯ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରି ବିଜୟଲାଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ବାଲେଶ୍ୱରର ଖେଳାଳି ଆକାଶ ବାରିକ୍ ଓ ମ୍ୟାନ ଅଫ ଦି ସିରିଜ ହୋଇଥିଲେ ସୂର୍ଯ୍ୟଶିଖାର ଦକ୍ଷ



ଖେଳାଳି ଅଂଶୁମାନ ମହାନ୍ତି। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରଙ୍ଗରାଗର ସଂପାଦକ କବି ପ୍ରଦିପ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରଣ୍ଡୁଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ। ଶ୍ରୀ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଲେ ଦେଶର ଖେଳାଳି ମାନେ ସର୍ବଦା ପ୍ରଶଂସନୀୟ। ଏହି ଖେଳରେ ଭାଇ ଚାରା ଓ ସୁ ସମ୍ପର୍କ ପ୍ରତିଷ୍ଠା ହୋଇଥାଏ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ତଥା ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ପ୍ରସାଦ ପାତ୍ର, କବି ଡକ୍ଟର ରଘୁନାଥ ମହାନ୍ତି ଓ ଯୁବ ସମାଜ ସେବୀ ମାଧବାନନ୍ଦ ମହାନ୍ତି। ସମସ୍ତ ଅତିଥି ଉଭୟ ଦଳର ଖେଳାଳିଙ୍କୁ ଆର୍ଥିକ ପୁରଷ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳ ପରିଚାଳନା କରିଥିଲେ ଅମ୍ପାୟାର ଶରତ ଜେନା ଓ ହେମନ୍ତ ମଲ୍ଲିକ। ସଦସ୍ୟ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଟୁର୍ଣ୍ଣାମେଣ୍ଟର ସଦସ୍ୟ ସରୋଜ ବେହେରା ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ ପର୍ଯ୍ୟବେକ୍ଷକଙ୍କ ସମ୍ପର୍କୀୟ ବିଜେଡିରେ ଯୋଗଦେବାକୁ ନେଇ ଚର୍ଚ୍ଚା

ବାରିପଦା,୦୮।୦୨ (ନି.ପ୍ର): ଗତ ୦୫ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଠାରେ ବିଜେଡି ପକ୍ଷରୁ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି , ସ୍ଥାନୀୟ ବିଧାୟକ ରାଜକିଶୋର ଦାସ ଓ ରାଜ୍ୟସଭା ସାଂସଦ ମମତା ମହନ୍ତଙ୍କ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ଦଳର କର୍ମୀ ଯୋଗଦାନ କରିଥିଲେ। ତେବେ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଚର୍ଚ୍ଚାର ବିଷୟ ଥିଲେ ମାନବ ମହାନ୍ତି। ମିଳୁଥିବା ସୂଚନା ଅନୁଯାୟୀ ମାନବ ମହାନ୍ତି ହେଉଛନ୍ତି ଜିଲ୍ଲା କଂଗ୍ରେସ ପ୍ରଭାରୀ ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଙ୍କ ସମ୍ପର୍କୀୟ। ତେବେ ଗୋଟିଏପଟେ ସୁଦର୍ଶନ ଦାସଙ୍କୁ ଜିଲ୍ଲା କଂଗ୍ରେସକୁ ସୁଦୃଢ କରିବାଭଳି ଗୁରୁ ଦାୟିତ୍ୱ ଦିଆଯାଇଥିବା ବେଳେ ତାଙ୍କ ସମ୍ପର୍କୀୟଙ୍କ ବିଜେଡିରେ ଯୋଗଦାନ କରିବା ଭଳି ଘଟଣା ସ୍ଥାନୀୟ ଅଂଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ କଂଗ୍ରେସର ଜିଲ୍ଲା ପ୍ରଭାରୀ ସୁଦର୍ଶନ ଦାସତାଙ୍କ ପ୍ରତିକ୍ରୀୟାରେ କେଉଁ ରାଜନୈତିକ ଦଳରେ କିଏ ରହିବ କି ମିଶିବ ତାହା ତାର ବ୍ୟକ୍ତିଗତ ବ୍ୟାପାର । ଏଥିରେ କହି ହସ୍ତକ୍ଷେପ କରିପାରିବେ ନାହିଁ। ମୋର ସମ୍ପର୍କୀୟଙ୍କ ବିଜେଡିରେ ଯୋଗଦାନ କୁ ନେଇ ଚାଲିଥିବା ଚର୍ଚ୍ଚାରେ ମୋର କୌଣହି ଭୂମୀକା ନାହିଁ ଏବଂ ଏଭଳି ଅକାରଣ ଚର୍ଚ୍ଚା ତାଙ୍କୁ ଦୁଃଖ ଦେଇଛି ବୋଲି କହିଛନ୍ତି ।

## ବାଜୁନ ହାଂସଦା ହେଲେ ଭସେନା ଜିଲ୍ଲା ଆଦିବାସୀ ଶାଖା ସଭାପତି

ବାରିପଦା,୦୮।୦୨ (ନି.ପ୍ର): ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାରେ ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ହକ ପାଇଁ ବାରମ୍ବାର ସରକାରଙ୍କ ପାଖରେ ବିଭିନ୍ନ ଉପାୟରେ ଦାବୀ ଉପସ୍ଥାପନ କରୁଥିବା ସତ୍ୱେ ବର୍ତ୍ତମାନ ସୁଦ୍ଧା ଆଦିବାସୀ ମାନେ ଅବହେଳିତ। ଏଣୁ ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସେମାନଙ୍କ ହକ ହାସଲ କରିବା ପାଇଁ ଜିଲ୍ଲାର ଏକମାତ୍ର ଅଣରାଜନୈତିକ ତଥା ସଂଗ୍ରାମୀ ସଂଗଠନ 'ଭଞ୍ଜସେନା' ପକ୍ଷରୁ ନୂତନ ଭାବେ ଜିଲ୍ଲା ଆଦିବାସୀ ଶାଖା ସଭାପତି ନାମ ଘୋଷଣା କରାଯାଇଛି। ଦଳର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଜିଲ୍ଲାର ସଂଗ୍ରାମୀ ଆଦିବାସୀ ଯୁବ ନେତା ବାଜୁନ ହାଂସଦାଙ୍କୁ ଭସେନା ଜିଲ୍ଲା



ଆଦିବାସୀ ଶାଖା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହା ସହିତ ଆଗାମୀ ଦିନରେ ୱାର୍ଡ ଏବଂ ପଂଚାୟତ ସ୍ତରରୁ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ କରି ତାଙ୍କ ଉପଦେଶକୁ ଆଧାର କରି ସଂଗଠନ ତାର ସମସ୍ତ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରି କାର୍ଯ୍ୟ କରିବା ସହିତ ଆଗାମୀ ଦିନରେ ମହିଳା ଶାଖା ଏବଂ ଅନ୍ୟାନ୍ୟ ଶାଖା ଗଠନ କରି ସମଗ୍ର ଜିଲ୍ଲାର ସ୍ୱରକୁ ଶାଣିତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପିତ କରିବା ସହିତ ସମଗ୍ର ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ, ବନ୍ୟଜାତ୍ୟ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ଏବଂ ଜିଲ୍ଲାରେ ପ୍ରଚୁର ପରିମାଣରେ ଗଚ୍ଛିତ ଥିବା ଖଣିଜ ସଂପଦକୁ ନେଇ ବୃହତ ଶିଳ୍ପ ପ୍ରତିଷ୍ଠା କରି ଜିଲ୍ଲାରେ ଥିବା ଅଧିକାଂଶ ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାରକ୍ଷମ କରେଇ ସମଗ୍ର ଜିଲ୍ଲା ବାସୀଙ୍କ ସହଯୋଗରେ 'ବେକାରୀମୁକ୍ତ ମୟୁରଭଞ୍ଜ' ଗଠନ ଦାବୀକୁ ସଫଳ କରିବା ପାଇଁ ଚେଷ୍ଟା ଅବ୍ୟାହତ ରଖାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ତେଲୁଗୁ ଭାଷା ଓ ସଂସ୍କୃତିର ବିକାଶ ପାଇଁ ...

ବିଭାଗୀୟ ପଦାଧିକାରୀଙ୍କ ସହ ଏ ପ୍ରସଙ୍ଗରେ ବିଶଦ ଆଲୋଚନା କରିଥିଲେ। ଓ ବୈଠକ ପରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଥିଲେ ଯେ ଉଭୟ ରାଜ୍ୟର ଛାତ୍ର ଛାତ୍ରୀଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଛି। ଓଡ଼ିଶାରେ ଯେଉଁ ତେଲୁଗୁ ପିଲା ପଢୁଛନ୍ତି ତାଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଛି। ସ୍କୁଲ,ବହି ,ଶିକ୍ଷା ସମସ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଛି। ଆନ୍ଧ୍ର ଓଡ଼ିଶା ସୀମାରେ ୮୦ ଲକ୍ଷ ତେଲୁଗୁ ଭାଷାଭାଷୀ ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ବସବାସ କରୁଥିବା ସ୍ଥଳେ ସେମାନଙ୍କର ପିଲାମାନେ ପର୍ଯ୍ୟାପ୍ତ ପରିମାଣରେ ତେଲୁଗୁ ପାଠ୍ୟପୁସ୍ତକ ପାଉନଥିବା କମିଟି ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ତେଲୁଗୁ ଅଧ୍ୟୟନ କରୁଥିବା ଛାତ୍ର, ଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା, ସଠିକ୍ ସମୟରେ ପାଠ୍ୟ ପୁସ୍ତକ ଯୋଗାଣ ଓ ତେଲୁଗୁ ଶିକ୍ଷକ ନିଯୁକ୍ତି ଉପରେ ଦୃଷ୍ଟି ଦିଆଯାଉଥିବା ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଥିଲେ । ୧୩୯ ଜଣ ତେଲୁଗୁ ଶିକ୍ଷା ସହାୟକ କାର୍ଯ୍ୟରତ ଥିବା ବେଳେ ୧୭୮ଜଣ ତେଲୁଗୁ ଜାଣିଥିବା ଶିକ୍ଷକ ୪୧ଟି ତେଲୁଗୁ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ବି.ଇଡି. ସ୍ତରରେ ୨୦ଟି ଏବଂ ଶିକ୍ଷକ ସାର୍ଟିଫିକେଟ୍ କୋର୍ସ ସ୍ତରରେ ୫୦ଟି ଆସନ ତେଲୁଗୁ ଭାଷାଭାଷୀଙ୍କପାଇଁ ସଂରକ୍ଷିତ ରହିଛି। ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଶ୍ରୀକାକୁଲମ ଏବଂ ବିଶାଖାପାଟଣାଜିଲ୍ଲାରେ ଥିବା ଓଡ଼ିଆ ଭାଷାଭାଷୀଙ୍କ ଶିକ୍ଷାଗତ ଓ ସାଂସ୍କୃତିକ ବିକାଶ ନେଇ ମଧ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ । ଉପରୋକ୍ତ ଜିଲ୍ଲାମାନଙ୍କର ୧୨୦ଟି ବିଦ୍ୟାଳୟରେ ୪୦୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ସ୍ଥଳେ "ଉତ୍କଳ ସମ୍ମିଳନୀ" ମାଧ୍ୟମରେ ଓଡ଼ିଶା ସରକାର ୧୩୦ ଜଣ ଶିକ୍ଷକଙ୍କୁ ଓଡ଼ିଆ ଭାଷା ଶିକ୍ଷା ଦେବା ପାଇଁ ନିଯୁକ୍ତି କରିଛନ୍ତି। ଉପରୋକ୍ତ ବିଦ୍ୟାର୍ଥୀମାନଙ୍କ ପାଇଁ ୧୦୦ ମାର୍କର ତେଲୁଗୁ ଇଚ୍ଛାଧୀନ ବିଷୟ ଥିବା ସ୍ଥଳେ ସେମାନଙ୍କର ଉଚ୍ଚତର ଶିକ୍ଷାଲାଭର ସୁଯୋଗ ପାଇଁ ହିନ୍ଦିରେ ୫୦ ମାର୍କ ଏବଂ ତେଲୁଗୁରେ ୫୦ ମାର୍କ ରଖିବା ପାଇଁ କମିଟିର ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ବିଜୟନଗରମ୍, ବିଶାଖାପାଟଣା ଏବଂ ଶ୍ରୀକାକୁଲମ୍ ଜିଲ୍ଲାରେ ଓଡ଼ିଆ ଭାଷା ମାଧ୍ୟମ ବିଦ୍ୟାଳୟ ପ୍ରତିଷ୍ଠା କରିବା, ଓଡ଼ିଆ ବସବାସ କରୁଥିବା ଜିଲ୍ଲା ଗୁଡିକର ଅଙ୍ଗନୱାଡି କେନ୍ଦ୍ରରେ ଓଡ଼ିଆଭାଷା ପ୍ରଚଳନ କରିବା ଏବଂ ୧୪୦ଟି ଓଡ଼ିଆ ଶିକ୍ଷକ ପଦବୀ ଅବିଳମ୍ବେ ପୂରଣ କରିବା ଇତ୍ୟାଦି ପ୍ରସ୍ତାବ ମଧ ବୈଠକରେ ଉପସ୍ଥାପିତ ହୋଇଥିଲା। ପରେ ବିଧାନ ପରିଷଦର କମିଟି ସଦସ୍ୟମାନେ ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ବାଚସ୍ପତି ଉତରୀୟ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତି ଉପହାର ପ୍ରଦାନ କରି ବିଧାନ ପରିଷଦ ଅଧକ୍ଷ ଓ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୧୮ କୋଟି ଟଙ୍କାରେ...

ବିଲ୍ଡିଂ ୟୁନିଭରସିଟିର ଗରିମାକୁ ଏହା ଆହୁରି ବୃଦ୍ଧି କରିବ ଏବଂ ତୁମମାନଙ୍କ ଆବଶ୍ୟକତା ପୂରଣ କରିବ ବୋଲଇ ଆଶା ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉଚ୍ଚଶିକ୍ଷା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ସଂପର୍କରେ ଆଲୋକପାତ କରିଥିଲେ । ବିଧାୟକ ଶ୍ରୀ ଅନନ୍ତ କୁମାର ଜେନା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ରେଜିଷ୍ଟ୍ରାର ଶ୍ରୀମତୀ ଶାମଳି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡେପୁଟି ରେଜିଷ୍ଟ୍ରାର ଧନ୍ୟବାଦ ଅର୍ପଣ କରିଥିଲେ ।' ସୂଚନା ମୁତାବକ, ୩୩ କୋଟି ୯ ଲକ୍ଷ ଟଙ୍କା ବିନିଯୋଗରେ ୪ଟି କୋଠା ନିର୍ମାଣ କରାଯାଇଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା)ରୁ ମିଳିଥିବା ଅର୍ଥରେ ୩ଟି କୋଠା ନିର୍ମାଣ ହୋଇଛି। କୁନ୍ତଳା କୁମାରୀ ପାଠାଗାର ବିଲ୍ଡିଂ ନିର୍ମାଣ ଲାଗି ୬ କୋଟି ୫୩ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବେଳେ ଅନ୍ୱେଷା ହଷ୍ଟେଲ ଲାଗି ୩ କୋଟି ୭୫ ଲକ୍ଷ ଓ ଏକାଡେମିକ୍ ବ୍ଲକ-୨ ନିର୍ମାଣ ପାଇଁ ୧୭ କୋଟି ୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ଭିତିଭୂମି ଫଣ୍ଡ୍ ରୁ ୫ କୋଟି ୭୬ ଲକ୍ଷ ଟଙ୍କା ବିନିଯୋଗରେ ଏକାଡେମିକ୍ ବ୍ଲକ-୩ ପ୍ରତିଷ୍ଠା ହୋଇଛି।

## ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ....

ଶ୍ରୀଜଗନ୍ନାଥଙ୍କ ମନ୍ଦିର ବିକାଶ କାର୍ଯ୍ୟ ପ୍ରଭାବିତ ହେବ ନାହିଁ ଏବଂ ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁ ଓ ଓଡିଆ ଲୋକଙ୍କ ଭାବାବେଗ ଓ ସ୍ୱାର୍ଥକୁ ସର୍ବୋଚ୍ଚ ସମ୍ମାନ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ ଜରିଆରେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ବିଜେପିର ସାଂସଦର ଏକ ପ୍ରତିନିଧି ଦଳ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ନୂଆଦିଲ୍ଲୀର ଭେଟି ଶ୍ରୀମନ୍ଦିର ପାଇଁ ଏନଏମଏର ପ୍ରସ୍ତାବିତ ଉପନିୟମକୁ ସ୍ଥଗିତ ରଖିବା ନେଇ ଅନୁରୋଧ କରିବା ସହ ଏ ସମ୍ବନ୍ଧରେ ଦାବି ପତ୍ର ମଧ୍ୟ ପ୍ରଦାନ କରିଥିଲେ। ପରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ସିଂହ ପଟେଲ ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ଉପନିୟମକୁ ପ୍ରତ୍ୟାହାର କରିଥିବା ଟ୍ୱିଟ୍‌ଯୋଗେ ସୂଚନା ଦେଇଛନ୍ତି। ଓଡ଼ିଶାବାସୀ ତଥା ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ବିଶ୍ୱାସ ଓ ଭାବାବେଗକୁ ଦୃଷ୍ଟିରେ ରଖି ଐତିହ୍ୟ ପ୍ରସ୍ତାବିତ ଉପନିୟମ ପ୍ରତ୍ୟାହାରର ନିଷ୍ପତ୍ତି ନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରତିଶ୍ରୁତି ରକ୍ଷା କରିଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି ।

## ମଇ ୩ରୁ ମାଟ୍ରିକ୍ ପରୀକ୍ଷା...

ଅବଜେକ୍ଟିଭ ପରୀକ୍ଷା ସକାଳ ୮ଟାରୁ ୯ଟା ଓ ସବଜେକ୍ଟିଭ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ଅବଜେକ୍ଟିଭ ଉତର ଓଏମଆର ସିଟରେ ଓ ସବଜେକ୍ଟିଭର ଉତର ପ୍ରଶ୍ନପତ୍ରରେ ଥିବା ଖାଲି ସ୍ଥାନରେ ଲେଖିବେ। ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟ ପାଇଁ ରେଗୁଲାର ପରୀକ୍ଷାର୍ଥୀ ନୂଆ ପାଠ୍ୟକ୍ରମ ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପୁରୁଣା ପାଠ୍ୟକ୍ରମ ଅନୁସାରେ ପରୀକ୍ଷା ଦେବେ ।

# ଶାଳବଣୀରେ ଜନଜାତିଙ୍କ ନିମନ୍ତେ ୧୦ ଦିନିଆ ଛେଳି ଓ କୁକୁଡ଼ା ଚାଷ ତାଲିମ ଶିବିର ଉଦ୍‌ଯାପିତ

ନୀଳଗିରି,୦୮।୦୨ (ନି.ପ୍ର): ନୀଳଗିରିର ମରିଷାପଟା ଗ୍ରାମ ପଂଚାୟତ ଅଧିନସ୍ଥ ଆଦିବାସୀ ଗ୍ରାମ ଶାଳବଣୀରେ ଗତ ତା ୨୮/୦୧/୨୦୨୧ରିଖରୁ ଆରମ୍ଭ ହୋଇଥିଲା ଜନଜାତିଙ୍କ ନିମନ୍ତେ ୧୦ ଦିନିଆ ଛେଳି ଓ କୁକୁଡ଼ା ଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ତାଲିମ ଶିବିରକୁ "ବଣ ଧୂଳିର ଫୁଲ" ନାମକ ଏକ ଦାତବ୍ୟ ଅନୁଷ୍ଠାନର ଅନୁରୋଧ କ୍ରମେ "ଇଉକୋ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ଅନୁଷ୍ଠାନ ବାଲେଶ୍ୱରଙ୍କ" ଦ୍ୱାରା ଆୟୋଜନ କରାଯାଇଅଛି । ଏହି ଉଦ୍‌ଯାପନି ଉତ୍ସବରେ ନୀଳଗିରିର ଉପଜିଲ୍ଲାପାଳ ଶ୍ରୀ ହରିଶ୍ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ୩୩ଜଣ ଜନଜାତିର ମହିଳା ଓ




ପୁରୁଷ ତାଲିମାର୍ଥୀ ମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ଉଦ୍ୟକ୍ତ ଅନୁଷ୍ଠାନ ସମୂହ ବଣ ଧୂଳିର ଫୁଲ, ଗୁଞ୍ଜି ଓ ଇଉକୋ ଗ୍ରମୀଣ ଆତ୍ମନିଯୁକ୍ତି ତାଲିମ ଅନୁଷ୍ଠାନର କୋଭିଡ୍‌ରେ ଜୀବିକା ହରାଇଥିବା ଏହି ଜନଜାତିଙ୍କ ଅର୍ଥନୈତିକ ସ୍ଥିତିକୁ ସୁଧାର ଆଣିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ଏହାଛଡ଼ା ଏହି ଉଦ୍‌ଯାପନୀ ଉତ୍ସବରେ ଇଉକୋ ଆରଶେଟିର ନିର୍ଦ୍ଦେଶକ ଲକ୍ଷ୍ମୀଧର ହାଁସଦା, ଭୁବନେଶ୍ୱରର ରୁଡ୍‌ସେଟ୍‌ର ମୁଖ୍ୟ ପରୀକ୍ଷକ ବି.ସାହୁ, ଇଉକୋ ବ୍ୟାଙ୍କ ନୂଆପାଡ଼ି ଶାଖାର ପ୍ରବନ୍ଧକ ଗୀତାଞ୍ଜଳୀ ସାହୁ, ଇଉକୋ ବ୍ୟାଙ୍କର ଏଫ.ଏଲ.ସି- ଜେ. ପ୍ରଧାନ ଓ ବଣ ଧୂଳିର ଫୁଲର ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଥିଲେ ।

## ଧର୍ମ ପରାୟଣ ମହିଳାଙ୍କ ଦେହାନ୍ତ

ଧାମନଗର,୦୮।୦୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ପାଟୁଳି ଗ୍ରାମର ଧର୍ମପରାୟଣ ମହିଳା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଧର୍ମପତ୍ନୀ ବିଭାସିନୀ ତ୍ରିପାଠୀ (୭୦)ଙ୍କ ପରଲୋକ ଘଟିଛି। ବିଗତ ଦୁଇମାସରୁ ଉର୍ଦ୍ଧ୍ୱ ହେବ କର୍କଟରୋଗରେ ପ୍ରିଡ଼ିତ ଥାଇ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି। ଗତ ୪ତାରିଖ ଗୁରୁବାର ଅପରାହ୍ନ ପ୍ରାୟ ୫ଟା ୩୦ମିନିଟ୍ ସମୟରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଦିଅର କିଶୋର କୁମାର ତ୍ରିପାଠୀ, ପୁତ୍ର ବିକାଶ ରଂଜନ,



ଦେବାଶିଷ, ସୁଭାଶିଷ, ପୁତ୍ରବଧୁ ଲିପିକା, ଝିଅ ରାଜଶ୍ରୀ, ଇସ୍ପା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ପାଟୁଳି ସ୍ଥିତ ବାସଭବନକୁ ଅଣାଯାଇଥିବା ବେଳେ ସେଠାରେ ଜ୍ଞାତି କୁଟୁମ୍ବ ଗ୍ରାମବାସୀ ମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ପୈତୃକ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## ସାରଥି ପରିବାର ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର, ୮/୨ (ନିପ୍ର) : ଜଳେଶ୍ୱରର ଦେଉଳିପଂଚୁଘଣ୍ଟା ନିକଟରେ ସାରଥି ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହୋଶ କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସଂଗଠନର ଅକ୍ଷୟ ଜେନା, ଦିଲ୍ଲିପ ସାହୁ, ପୂର୍ଣ୍ଣ ପ୍ରଧାନ, ପରେଶ ଦାସ, ଅମର ବେହେରା, ସଂଜୟ ଜେନା, ଅଜିତ୍ ଦତ୍ତ, ପ୍ରଦୋଶ ଚନ୍ଦ ପ୍ରମୂଖ ସହାୟତା କରିଥିଲେ । ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ଅର୍ଚ୍ଚନା ଗିରି ଉପସ୍ଥିତ ଥିଲେ ।

## ଦଶ ମାସ ପରେ ଆରମ୍ଭ ହେଲା ୯ମ ଓ ଏକାଦଶ ଶ୍ରେଣୀ ପାଠପଢ଼ା

ଭୁବନେଶ୍ୱର,୦୮।୦୨ (ନି.ପ୍ର): କରୋନା କାରଣରୁ ପାଠପଢା ଦୀର୍ଘ ଦଶ ମାସ ବନ୍ଦ ରହିବା ପରେ ସୋମବାର ଠାରୁ ୯ମ ଓ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଲାସରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ପୂର୍ବ ନିର୍ଦ୍ଧାରିତ ନିଷ୍ପତି ଅନୁସାରେ କୋଭିଡ ଗାଇଡଲାଇନ ଅନୁସାରେ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଗୋଟିଏ ଦିନରେ କ୍ଲାସରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ସକାଳୁ ନିର୍ଦ୍ଧାରିତ ସମୟରେ ଛାତ୍ରଛାତ୍ରୀ ସ୍କୁଲରେ ପହଂଚିବା ସହ ସାମାଜିକ ଦୂରତା ଅବଲମ୍ବନ କରି ପ୍ରବେଶ କରିଛନ୍ତି। ଶ୍ରେଣୀରେ ପ୍ରବେଶ ପୂର୍ବରୁ ହାତ ସାନିଟାଇଜ୍ କରିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଆଧାରରେ କ୍ଲାସରୁମ୍‌ର ଆୟତନ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ବସିବା ବ୍ୟବସ୍ଥା କରାଯାଇଛି । ଉଲ୍ଲେଖନୀୟ ଯେ ୯ମ ଓ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଲାସରୁମ୍ ପାଠପଢ଼ା ଏପ୍ରିଲ ୩୦ ପର୍ଯ୍ୟନ୍ତ ଜାରି ରହିବ। ସୋମବାରରୁ ଶନିବାର ପର୍ଯ୍ୟନ୍ତ ପ୍ରତିଦିନ ସକାଳ ସାଢ଼େ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଦୁଇ ଘଂଟା ଧରି ପାଠପଢ଼ା ହେବ ଏବଂ ପ୍ରତିଦିନ ୩ଟି ପରିଅଡ୍ କରାଯିବ। ରବିବାର କ୍ଲାସ୍ ହେବ ନାହିଁ। ତେବେ ସ୍ଥାନୀୟ ଅଂଚଳର ପାଣିପାଗକୁ ଦେଖି କ୍ଲାସର ସମୟରେ ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଇଛି।

## ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର,୦୮।୦୨ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କୁ ଜୟନ୍ତୀରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ନାୟକ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

## ନମସ୍କାର ସଙ୍ଗଠନ ପକ୍ଷରୁ ସେବାକାର୍ଯ୍ୟ ଅନୁଷ୍ଠିତ

ବାସୁଦେବପୁର,୦୮।୦୨ (ନି.ପ୍ର): ନମସ୍କାର ସଂଗଠନ ବାସଦେବପୁର ଶାଖା ପକ୍ଷରୁ ବେତଡା ଓ ସାବରପୁର ଅଞ୍ଚଳର ବାପା ମାଆ ନଥିବା ଅସହାୟ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ପିଲାମାନଙ୍କୁ ଭବିଷ୍ୟତରେ ଶିକ୍ଷା ଉପକରଣ ବଣ୍ଟନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୌରାଙ୍ଗ ଚନ୍ଦ୍ର ବାରିକ, ଜିଲ୍ଲା ଉପସଭାପତି ଧନଞ୍ଜୟ ସେଠି, ସଂପାଦକ ବିଶ୍ୱରଂଜନ ପଣ୍ଡା, ବାସୁଦେବପୁର ସଂଯୋଜକ ଆଇନ୍‌ଜୀବି ଓ କବି ପ୍ରଦୀପ ମହାନ୍ତି, ଆଡଭୋକେଟ ସରୋଜ ସିଂହ ଏବଂ ଯୁବସମାଜସେବୀ ତଥା ଆଇନଜୀବୀ ନିରଦ କୁମାର ଦାଶ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଗୁଣ୍ଡୁରିଆ ଶହୀଦ ଦିବସ ପାଳିତ

ବାରିପଦା,୦୮।୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିଆ ଠାରେ ଆଦିମ ଜନଜାତି ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ପ୍ରିବର୍ହ ପରି ଚଳିତ ବର୍ଷ ମଧ୍ୟ ଆଜିର ଦିନରେ ଗୁଣ୍ଡୁରିଆ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ତଥା ପଡୋଶୀ ଝାଡ଼ଖଣ୍ଡ ରାଜ୍ୟରୁ ମଧ ବହୁ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ଯୋଗ ଦେଇ ପୂଜାର୍ଚ୍ଚନା ପୂର୍ବକ ଶହୀଦ ମାନଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମିଶ୍ରଣକୁ ବିରୋଧ କରି ନିଜ ହକ୍ ଓ ଅଧିକାର ପାଇଁ ଆଦିବାସୀ ମହାସଭା ତରଫରୁ ୧୯୪୯ ମସିହା ଫେବୃଆରୀ ୬ ତାରିଖରେ ଗୁଣ୍ଡୁରିଆ ଠାରେ ଏକ



ବିଶାଳ ଶୋଭାର ଆୟୋଜନ କରାଯାଇଥିଲା। ଆଦିବାସୀ ସମ୍ପ୍ରଦାୟର ଲୋକେ ଓଡ଼ିଶାରେ ମୟୂରଭଞ୍ଜର ମିଶ୍ରଣକୁ ବିରୋଧ କରି ସ୍ୱତନ୍ତ୍ର ' ଦିଶୋମ ରାଜ୍ୟ' ଘୋଷଣା କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼. ହରେକୃଷ୍ଣ ମହତାବ ସରକାରଙ୍କ ନିକଟରେ ଦାବି କରିଥିଲେ। ଓଡିଶା ସହିତ ନମିଶିବା ନେଇ ଆଦିବାସୀ ମହାସଭାର ରାଷ୍ଟ୍ରୀୟ ଅଧକ୍ଷ ଜୈପାଲ ସିଂ ଓ ସମ୍ପାଦକ ସୁନାରାମ ସୋରେନଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାର କୋହ୍ଲ, ସାନ୍ତାଳ, ଭୂମିଜ, ଧରୁଆ, ହୋ, ବାଥୁଡି, ଭୂୟାଁ, ଲୋଧା, ଖଡିଆ ଏବଂ ଅନ୍ୟାନ୍ୟ ଜନଜାତି ବର୍ଗର ଲୋକେ ଆନ୍ଦୋଳନକୁ ତୀବ୍ରତର କରିଥିଲେ। ଏ ନେଇ ଗୁଣ୍ଡୁରିଆ ଠାରେ ଏକ ବିଶାଳ ଶୋଭାର ଆୟୋଜନ କରାଯାଇ ଅସଂଖ୍ୟ ଆଦିବାସୀ ସମ୍ପ୍ରଦାୟର ଲୋକ ଯୋଗ ଦେଇଥିଲେ। ତେବେ କୌଣସି କାରଣ ବଶତଃ ତତ୍କାଳୀନ ପ୍ରଶାସନ ତରଫରୁ ନିରୀହ ଆଦିବାସୀଙ୍କ ଉପରେ ଗୁଳି ବର୍ଷଣ କରିଥିଲା ପୋଲିସ। ଏହି ଗୁଳିକାଣ୍ଡରେ ପ୍ରାୟ ଶତାଧିକ ଲୋକ ମୃତ୍ୟୁ ବରଣ କରିଥିଲେ। ତେବେ ଆଦିବାସୀ ସମ୍ପ୍ରଦାୟର ଲୋକେ ଗୁଳିକାଣ୍ଡ ସ୍ଥଳ ଗୁଣ୍ଡୁରିଆ ଠାରେ ଏକତ୍ରିତ ହୋଇ ଏକ ସଭା ଯାତ୍ରାରେ ବାହାରି ଶହୀଦ ମାନଙ୍କୁ ସ୍ମୃତିଚାରଣ କରିଛନ୍ତି ।

## ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ



ଉଦଳା ତା୦୮/୦୨(ନି.ପ୍ର.) - ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତାଙ୍କର ଏକ ଶପଥ ପାଠ ଉତ୍ସବ ଚଳିତ ଫେବୃୟାରୀ ୭ ତାରିଖ ରବିବାର ଦିନ ଉଦଳା ପଂଚାୟତ ସମିତି ଅନ୍ତର୍ଗତ ମା'ତାରିଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସେଥିପାଇଁ ତାରିଣୀଙ୍କ ପୀଠରେ ଶିକ୍ଷକ ସଂଘ ତରଫରୁ ଦିବସବ୍ୟାପୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଭାତରେ ତାରିଣୀ ପୀଠରେ ଏକତ୍ରିତ ହୋଇ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। କରୋନା ପାଇଁ ସମସ୍ତେ ସବୁ ପ୍ରକାର ସତର୍କତା ଅବଲମ୍ବନ କରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରେ ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ଉଦଳା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଜୟ କୁମାର ପତି ଅଧ୍ୟକ୍ଷତା କରିବା ସହ ଅତୀତରେ ଏହି ସଂଘ କିପରି ବିଭିନ୍ନ ପ୍ରକାର ଗଠନମୂଳକ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଥିଲା, ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ରାମାକାନ୍ତ ମହାନ୍ତି ଓ ଅକ୍ଷୟ କୁମାର ଖଟୁଆ, ଜିଲ୍ଲା ସଂଘ ଉପଦେଷ୍ଟା ମଣ୍ଡଳୀର ଶିବପ୍ରସାଦ ମହାପାତ୍ର, ମୁରଲୀଧର ନାୟକ, ରାମକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି କରୋନା ପାଇଁ ତାଲା ବନ୍ଦର ପ୍ରଭାବ ଓ ଏଥିପାଇଁ ବିଦ୍ୟାଳୟ ଦୀର୍ଘ ଧରି ଛୁଟି ରହିବା ଫଳରେ ପିଲାଙ୍କ ପାଠ ପଢ଼ାରେ କିପରି କ୍ଷତି ଘଟିଛି ଓ ଏହାର ମୁକାବିଲା ପାଇଁ ଆମକୁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥପନ କରିଥିଲେ। ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ସୁଦର୍ଶନ ନାୟକ ଏବଂ ନନ୍ଦଲାଲ ସେଠୀ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କରୁଣାକର ସାହୁ, ସବିକାନ୍ତ ସୋରେନ୍, ନନ୍ଦକୁମାର ବେହେରା ପ୍ରମୁଖ ଯୋଗ ଦେଇ ଦେଶ ଗଠନରେ ଶିକ୍ଷକ ସଂଘର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ରାଜ୍ୟ ସଂଘର କର୍ମକର୍ତା ରାମାକାନ୍ତ ମହାନ୍ତି ନବନିର୍ବାଚିତ ଜିଲ୍ଲା ସ୍ତରୀୟ କର୍ମକର୍ତା ଯଥା:- ଆରତ କୁମାର ପରିଡ଼ା (ସଭାପତି) , ରଂଜର କୁମାର ବାରିକ (ଉପସଭାପତି), ଗାୟତ୍ରୀ ବେହେରା (ଉପସଭାନେତ୍ରୀ), ବିମଳ କୁମାର ଆଚାର୍ଯ୍ୟ (ସାଧାରଣ ସମ୍ପାଦକ), ବଳରାମ ନାଥ (ସଂଗଠନ ସମ୍ପାଦକ), ଶତିଶ୍ ମହାନାୟକ, ଗଣେଶ୍ୱର ସାହୁ ଓ ଶିବଶଙ୍କର ଅଧିକାରୀ (ଯୁଗ୍ମ ସମ୍ପାଦକ), ସୁନିଲ୍ କୁମାର ବୋଡ଼ା (ସଂଯୋଜକ), ଅଂଜନ ପାତ୍ର (କୋଷାଧ୍ୟକ୍ଷ)ଙ୍କୁ ଶପଥ ପାଠ କରାଇଥିଲେ।

# ଧାମନଗର ବରିଷ୍ଠ ନାଗରିକ ପରିଷଦର ଭ୍ରାମ୍ୟମାଣ ବୈଠକ

ଧାମନଗର,୦୮।୦୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ସଭାଗୃହରେ ଧାମନଗର ବ୍ଲକ ବରିଷ୍ଠନାଗରିକ ପରିଷଦର ଭ୍ରାମ୍ୟମାଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଘଣ୍ଟେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା ସଞ୍ଚାଳନ କରିଥିଲେ। ଏଥିରେ ଆମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ ସ୍ଥାନୀୟ ସରପଞ୍ଚ ଟୁନିବାଳା ବିଶ୍ୱାଳ, ସମିତିସଭ୍ୟ ରଣଜିତ୍ କୁମାର ଜେନା, ଥାନା ଏଏସ୍ଆଇ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଅତୀତର ବହୁ ଅକୁହା ସ୍ମୃତିକୁ ରୋମନ୍ଥନ କରିଥିଲେ। ବୟୋଜ୍ୟେଷ୍ଠ ବ୍ୟକ୍ତଙ୍କୁ ଅଣଦେଖା କରିବା, ସେମାନଙ୍କର ପରାମର୍ଶ ନଲୋଡ଼ିବା ହେତୁ ସମାଜ ଆଜି ଅବକ୍ଷୟ ଆଡ଼କୁ ମୁହାଁଇଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ଦିବଂଗତ ଭୀମସେନ ନାୟକ ଓ କମଳାକାନ୍ତ ତ୍ରିପାଠୀଙ୍କ ଅମରଆତ୍ମାର ସଦ୍‌ଗତିପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନ କରାଯାଇଥିଲା। ବାର୍ଦ୍ଧକ୍ୟ ଭତ୍ତା ପାଞ୍ଚଶହ ଟଙ୍କାରୁ ବଢାଇ ଅନ୍ୟୁନ ତିନିହଜାର ଟଙ୍କା କରାଇବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟସରକାରଙ୍କ ଠାରେ ଦାବି କରିବାପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହି ଅବସରରେ ପରିଷଦର ଏକ ପଞ୍ଚାୟତ ସବ୍-କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦାମୋଦର ସାହୁ, ସମ୍ପାଦକଭାବେ ଗୋକୁଳାନନ୍ଦ ସାମଲ ଓ କାର୍ଯ୍ୟକାରୀ ସମ୍ପାଦକଭାବେ ରବିନ୍ଦ୍ର କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ନିରାକାର ମହାନ୍ତି, ମହେଶ୍ୱର ସ୍ୱାଇଁ, ଭାସ୍କାର ଚନ୍ଦ୍ର ସାମଲ, ରାମଚନ୍ଦ୍ର ସାହୁ ସାହିତ୍ୟିକ ବୃନ୍ଦାବନ ରାଉଳ, ଯୁଧିଷ୍ଠିର ପଣ୍ଡା, ପ୍ରିୟରଂଜନ ସାମଲ, ଆନନ୍ଦଚନ୍ଦ୍ର ଦାସ, ସମାଜସେବୀ ଦାମୋଦର ମଲ୍ଲିକ, ଭିକାରି ବେହେରା ପ୍ରମୁଖ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଫାଇଲେରିଆ ନିରାକରଣ ଅଭିଯାନ ୧୦ରୁ



ବାଲେଶ୍ୱର,୦୮।୦୨ (ନି.ପ୍ର): ଆସନ୍ତା ଫେବୃଆରୀ ୧୦ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ସାମୂହିକ ବାତଜ୍ୱର ବା ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବାଲେଶ୍ୱର ଜିଲ୍ଲାର ୪ଗୋଟି ପୌରାଂଚଳ ସହିତ ୧୨ଗୋଟି ବ୍ଲକର ୨୧ଲକ୍ଷ ଲୋକଙ୍କୁ ଡି.ଇ.ସି. ଏବଂ ଆଲବେଣ୍ଡାଜୋଲ୍ ବଟିକା ସେବନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ଏହି ସୂଚନା ପ୍ରଦାନ କରିଛନ୍ତି । ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ ଏବଂ ଶରୀରରେ ଲୁଚି ରହିଥିବା ମାଇକ୍ରୋ ଫାଇଲେରିଆକୁ ମାରି ବାତଜ୍ୱର ବା ଗୋଦର ହେବାକୁ ଦେଇ ନ ଥାଏ । କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅତ୍ୟନ୍ତ ଅସୁସ୍ଥ ବ୍ୟକ୍ତି ଏହି ଔଷଧ ସେବନ କରିବେ ନାହିଁ। ଖାଦ୍ୟ ଖାଇସାରିବା ପରେ ଏହି ଔଷଧ ସେବନ କରାଯିବ । ଜିଲ୍ଲାରେ ୫୧୮୦ଜଣ ଆଶା, ଅଙ୍ଗନୱାଡି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ଘରକୁ ଘର ବୁଲି ଏହି ଔଷଧ ସେବନ କରାଇବେ । ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ ପାଇଁ ୫୧୮ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ଜିଲ୍ଲାସ୍ତରୀୟ ୧୩ଜଣ ଅଧିକାରୀ ପ୍ରତ୍ୟେକ ବ୍ଲକକୁ ଯାଇ ଏହି କାର୍ଯ୍ୟକ୍ରମର ତଦାରଖ କରିବେ । ବାଲେଶ୍ୱର ଏକ ଫାଇଲେରିଆ ପ୍ରବଣ ଜିଲ୍ଲା ହୋଇଥିବା ବେଳେ ସମସ୍ତ ବ୍ୟକ୍ତି ଆଶା, ଅଙ୍ଗନୱାଡି ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସମ୍ମୁଖରେ ଏହା ସେବନ କରିବାକୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା. ଶଶାଙ୍କ ଶେଖର ଚୌଧୁରୀ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦେବ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରମଣୀକାନ୍ତ ଭଞ୍ଜ ଏବଂ ଜିଲ୍ଲା ବାହକ ବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପତିଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏଥିରେ ଉପସ୍ଥିତ ଥିଲେ ।

# ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଉପାନ୍ତରେ ବସ୍‌ଟର୍ମିନାଲ ଲାଗି ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୮/୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ପଶ୍ଚିମବଂଗକୁ ଲାଗି ରହିଛି । ଜଳେଶ୍ୱର ସହର ମଧ୍ୟଦେଇ ଜାତୀୟ ରାଜପଥ-୬୦ ଓ ରାଜ୍ୟ ରାଜପଥ ୫୭ ଥିବା ବେଳେ ଏଠାରୁ ପ୍ରତ୍ୟେହ ବହୁ ଆନ୍ତରାଜ୍ୟ, ଆନ୍ତଜିଲା ବସ୍ ଚଳପ୍ରଚଳ କରିଥାଏ । ଉତ୍ତର ବାଲେଶ୍ୱର ଏକମାତ୍ର ବୃହତ୍ ପୌରାଞ୍ଚଳ ଓ ବ୍ୟବସାୟସ୍ଥଳୀଭାବେ ଜଳେଶ୍ୱର ପରିଚିତ । ପଶ୍ଚିମବଂଗର କାନ୍ଥି, ଏଗ୍ରା, ଦୀଘା, ଖଡଗପୁର, ହଳଦିଆ, ଭୂବନେଶ୍ୱର, ପୁରୀ, କଟକ, ଚନ୍ଦନେଶ୍ୱର, ବାଲିଆପାଳ, ରାଇବଣିଆ, ବାରିପଦା, କେନ୍ଦୁଝର, ବାଲେଶ୍ୱର, ଚାନ୍ଦବାଲି, ବଳଳରାମଘଡି, ରାସଗୋବିନ୍ଦପୁର ପ୍ରଭୃତି ସ୍ଥାନକୁ ଘରୋଇ ବସ୍‌ସେବା ଯୋଗାଇ ଦିଆଯାଇଥାଏ । ବିଭିନ୍ନ ସମୟରେ ଅନ୍ତରାଜ୍ୟ ବସ୍ ଚଳାଚଳ ଲାଗି ଜଳେଶ୍ୱର ଘରୋଇ ବସ୍‌ମାଲିକ ସଂଘର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ହେଲେ ଏଠାରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ରାସ୍ତାକଡରେ ବସ୍‌ଗୁଡିକ ଛିଡା ହେବାରୁ ଯାତ୍ରୀମାନଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇ ନଥାଏ । ଆଜି ପୂର୍ବାହ୍ନରେ ଜଳେଶ୍ୱର ନବନିର୍ବାଚିତ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରଦୀପ କୁମାର ପ୍ରଧାନ, ସଂପାଦକ ସୁବୋଧ କୁମାର ଭୂୟାଁ, ଉପସଭାପତି ପ୍ରବୋଧ କୁମାର ଭୂୟାଁ, ସହସଂପାଦକ ବିଶ୍ୱଜିତ୍ ପ୍ରଧାନ, କୋଷାଧ୍ୟକ୍ଷ ଉଜ୍ଜଳ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ତେଗଡିଆ ମୌଜାର ନୂତନଭାବେ ନିର୍ମିତ ଜଳେଶ୍ୱର କୋର୍ଟର ଅପରାପାର୍ଶ୍ୱରେ ଥିବା ପରିତ୍ୟକ୍ତ ୟୁନିଫାଏଡ ଚେକ୍‌ଗେଟ ଠାରେ ଅନ୍ତରାଜ୍ୟ ବସ୍‌ଟର୍ମିନାଲ ନିର୍ମାଣ କରିବାକୁ ଦାବି କରିଛନ୍ତି ।

## ଅବସରପ୍ରାପ୍ତ ରେଳ କର୍ମଚାରୀ କୈଳାସଙ୍କ ପରଲୋକ



ଭଦ୍ରକ,୦୮।୦୨ (ନି.ପ୍ର): ଭଦ୍ରକ ପୌରପାଳିକା ଚରମ୍ପା ବରାଳ ପୋଖରୀ ଅର୍ନ୍ତଗତ ନୂଆପୋଖରୀ (ୱାର୍ଡ଼ ନଂ ୩)ଗ୍ରାମ ନିବାସୀ କୌଳାଶ ନାୟକଙ୍କର ୭୨ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ ସ୍ୱର୍ଗତ ନାୟକ ଆଜି ନିଜ ବାସଭବନରେ ବାଲ୍ୟବନ୍ଧୁ ବିନୋଦ ବିହାରୀ ସାହୁ, ମାଧବାନନ୍ଦ ନାୟକ ଓ ଧର୍ମପତ୍ନୀ ପୁଷ୍ପଲତା ନାୟକଙ୍କ ସହିତ ବାର୍ତ୍ତାଳାପ କରୁଥିବା ସମୟରେ ହଠାତ୍ ହୃତଘାତରେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାରବର୍ଗ ତାଙ୍କୁ ସଂଗେ ସଂଗେ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ଡ଼ାକ୍ତର ତାଙ୍କୁ ଦେଖିବା ପରେ ମୃତ ଘୋଷଣା କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଭାଇ ନରେଶ ନାୟକ, ପରେଶ ନାୟକ ପୁତ୍ର ପତିତପାବନ ନାୟକ, ଚାରି ଝିଅ ସମେତ ଅନ୍ୟ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ୩ନମ୍ବର ସମେତ ନିଜ ଗ୍ରାମ ନୂଆ ପୋଖରୀ ପରିକ୍ରମା କରାଯାଇଥିଲା। ସ୍ୱର୍ଗତ ନାୟକ ରେଳବାଇ ଖୋର୍ଦ୍ଧା ଡ଼ିଭିଜନ ପାଇଲଟ ଭାବେ କାର୍ଯ୍ୟ କରି ୨୦୧୩ ମସିହା ଅବସର ନେଇଥିଲେ। ଶ୍ରୀ ନାୟକ ରେଳ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ରେଳବାଇ ପଦସ୍ଥ ଅଧିକାରୀଙ୍କ ଠାରୁ ବହୁବାର ପୁରସ୍କୃତ ହୋଇଛନ୍ତି। ତେବେ ଅବସର ପରେ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ। ସେ ଏକ ପରୋପକାରୀ , ଦୟାଳୁ, ମିଷ୍ଟଭାସୀ ଧର୍ମପରାୟଣ ଲୋକ ରୂପେ ବେସ୍ ପରିଚିତ ଥିଲେ।

# ବିଦ୍ୟାଳୟକୁ ଆସିଲେ ନବମ ଶ୍ରେଣୀ ଛାତ୍ରଛାତ୍ରୀ

ବାଲେଶ୍ୱର,୦୮।୦୨ (ନି.ପ୍ର): ମହାମାରୀ କରୋନାର ପ୍ରକୋପ ହ୍ରାସ ସାଙ୍ଗକୁ କୋଭିଡ ଭେକ୍ସିନ ପ୍ରସ୍ତୁତ ଓ ଟିକା ପ୍ରଦାନ ପ୍ରକ୍ରିୟା ଜାରି ରହିଥିବା ବେଳେ ଏବେ ଧିରେ ଧିରେ ଗୋଟିଏ ପରେ ଗୋଟିଏ ବିଦ୍ୟାଳୟ ଖୋଲିବାରେ ଲାଗିଛି। ରାଜ୍ୟ ଶିକ୍ଷା ବିଭାଗର ପୂର୍ବ ଘୋଷଣା ଅନୁସାରେ ସୋମବାରଠାରୁ ସମଗ୍ର ଓଡ଼ିଶାରେ ମାଧ୍ୟମିକ ସ୍କୁଲର ନବମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ବିଭାଗର ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ଜିଲ୍ଲାର ସମସ୍ତ ହାଇସ୍କୁଲର ନବମ ଶ୍ରେଣୀ ଓ ସମସ୍ତ ସରକାରୀ ତଥା ଘରୋଇ ଜୁନିୟର ଜୁନିୟର କଲେଜଗୁଡ଼ିକର ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥିବା ଲକ୍ଷ୍ୟ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଅଭିଭାବକମାନେ ବିଦ୍ୟାଳୟରେ ଛାଡ଼ିବାକ ଆସିଥିବା ଦେଖିବକୁ ମିଳିଛି। ଦୀର୍ଘଦିନ ଧରି ଘରେ ରହି ଆସିଥିବା ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସିବା ବେଳେ ବେଶ ଉତ୍ସାହିତ ଥିଲେ। କେବେ ସ୍କୁଲ ଖୋଲିବ ଓ ସେମାନେ ଶ୍ରେଣୀକୁ ଆସିବେ, ତାହାକୁ ନେଇ ଛାତ୍ରଛାତ୍ରୀମାନେ ସବୁବେଳେ ଚିନ୍ତା କରୁଥିବା ପ୍ରକାଶ କରିଛନ୍ତି। ନବମ ଶ୍ରେଣୀ ଖୋଲିବା କଥା ଘୋଷଣା ପରେ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ବଢ଼ି ଯାଇଥିଲା ବୋଲି ବିଦ୍ୟାଳୟକ ପିଲା ଛାଡ଼ିବାକୁ ଆସିଥିବା ଅଭିଭାବକମାନେ କହିଛନ୍ତି। ଯାହାବି ହେଉ କରୋନା ପ୍ରକୋପ ହ୍ରାସ ପାଇଥିବା ବେଳେ ସରକାରଙ୍କର ବିଦ୍ୟାଳୟ ଖୋଲିବା ନିଷ୍ପତି ସ୍ୱାଗତଯୋଗ୍ୟ ବୋଲି ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି। ଏମିତିକି ବିଦ୍ୟାଳୟକୁ ଛାତ୍ରଛାତ୍ରୀ ନ ଆସିବା ଯୋଗୁଁ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଚିନ୍ତିତ ରହୁଥିଲେ ବୋଲି ସେମାନେ କହିଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ କରୋନା ଯୋଦ୍ଧା ସମ୍ମାନ



ଭଦ୍ରକ,୦୮।୦୨ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆନୁକୂଲ୍ୟରେ ପୁରୀ ଓ ଭୁବନେଶ୍ୱରର କିଟ୍ ଓ କିସ୍ ଜଗନ୍ନାଥ ମନ୍ଦିର କମିଟି ଏବଂ ପାଟସେବା ସଂସ୍ଥା ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜିତେନ୍ଦ୍ର ପଣ୍ଡାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ମହାମାରୀ ସମୟରେ ଜନସାଧାରଣଙ୍କ ଜୀବନ ରକ୍ଷା ପାଇଁ ଅଧିକାରୀମାନଙ୍କ ନିରନ୍ତର ପ୍ରୟାସ, ନିଃସ୍ୱାର୍ଥ ଜନସେବା ପାଇଁ ଅଧିକାରୀମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫୁଲରୀ ପାଟ, ମହାପ୍ରସାଦ, ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନ ଫଳକ ପ୍ରଦାନ କରାଯାଇ ସେମାନଙ୍କୁ ନିଜ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ଦଇତାପତି ପଣ୍ଡିତ ରାମଚନ୍ଦ୍ର ପ୍ରଧାନୀ ଦେବବର୍ମା, ପାଟସେବା ସଂସ୍ଥାର ସଭାପତି ଦୁର୍ଯୋଧନ ସାହୁ, ରାମଚନ୍ଦ୍ର ପ୍ରଧାନ, ଡ. ରୀତା ସାହୁ, ତନୁଜା ପାତ୍ରଙ୍କ ସମେତ ପ୍ରଚାର ସମିତିର ମୁଖ୍ୟ ପରଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା, ଆବାହକ ସେବକ ଶରତ କୁମାର ସାହୁ, ପ୍ରଶାନ୍ତ କୁମାର ଦେ, ପଦ୍ମଲୋଚନ ମହାପାତ୍ର, ସନେଇ ଶିଅଳ, ନାରାୟଣ ଚନ୍ଦ୍ର ପ୍ରଧାନ, କାହ୍ନୁ ଚରଣ ଦାସ, ବିଜୟ କୁମାର ବାରିକ, ବାବୁଲାଲ ଦାସ, ସୁଧାକର ଧନୀ, ତପସ୍ୱିନୀ ପାଢୀ ପ୍ରମୁଖ ବହୁ ସେବକ ଯୋଗଦାନ କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ନରେନ୍ଦ୍ର ସ୍ମୃତି ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର, ୮/୨ (ନିପ୍ର) : ଜଳେଶ୍ୱର ବ୍ଲକର ଆରୁହା ପଂଚାୟତ ଅଧିନ ନିମପୁର ଗ୍ରାମର ନରେନ୍ଦ୍ର ସ୍ମୃତି ପରିଷଦ ପକ୍ଷରୁ ନରେନ୍ଦ୍ର ଗଂଗାମଣି ନିଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରବିନାରାୟଣ ରଥସର୍ମା ଉଦ୍‌ଘାଟନ କରିଥିବା ବେଳେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହୋଶ କୁମାର ବିଶ୍ୱାଳ, ରାମଚନ୍ଦ୍ର ସିଂ, ମଧୁସୂଦନ ଦତ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନ, ଶ୍ରୀକଣ୍ଠ ମହାନ୍ତି, ନିମାଇଁଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମୋଟ ୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

# ପୂଜ୍ୟପୂଜା ସଂସଦ ଧୂଷୁରୀ ପକ୍ଷରୁ ଏକାଦଶତମ ବାର୍ଷିକ ଉତ୍ସବ ପାଳିତ

ଧାମନଗର,୦୮।୦୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ଧୂଷୁରୀ ପୂଜ୍ୟପୂଜା ସଂସଦର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସଂସଦର ସଭାପତି ଶିକ୍ଷାବିତ୍ ବାବାଜୀ ଚରଣ ପଣ୍ଡା ଅଧକ୍ଷତା କରିଥିବାବେଳେ ସାହିତ୍ୟ ଅନୁଷ୍ଠାନ ଚଳାଇବା ପାଇଁ ଅସୀମ ସାହସ ଓ ଧୈର୍ଯ୍ୟର ଆବଶ୍ୟକତା ରହିଛିବୋଲି ଶ୍ରୀ ପଣ୍ଡା କହିଥିବାବେଳେ ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ବନ୍ଦେଉତ୍କଳ ଜନନୀ ଗାନ କରାଯାଇଥିଲା। ସଂସଦର ସମ୍ପାଦକ ଅକ୍ଷୟ କୁମାର ହୋତା ଅତିଥିପରିଚୟ ପ୍ରଦାନ ଅବସରରେ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସୂଚନା କମିଶନର ସଦସ୍ୟ ତଥା ବରଷ୍ଠ ସାମ୍ବାଦିକ ଦିଲିପ କୁମାର ବିଶୋଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ମୁଖପତ୍ର 'ତପସ୍ୟା'ର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ପତ୍ରିକା ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତାଭାବେ ଯୋଗଦେଇ ଧୁଷୁରୀ ମାଟି ହେଉଛି ପୂଜ୍ୟ ପୂଜା ତଥା ସ୍ୱାଭିମାନର ମାଟି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପୂଜ୍ୟ ପୂଜାକୁ ସମ୍ମାନ ଦେବାହିଁ ମାନବିକତାର ପରିଚୟ ବୋଲି ମତ ଦେଇଥିଲେ।

# କୀର୍ତ୍ତୀଚନ୍ଦ୍ର ହାଇସ୍କୁଲରେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଆପାଳ,୦୮।୦୨ (ନି.ପ୍ର): ବାଲିଆପାଳ ବ୍ଲକ ନାରାୟଣପୁର କୀର୍ତ୍ତିଚନ୍ଦ୍ର ଉଚ୍ଚବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ର ଚାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।ଦୀର୍ଘ ମାସ ପରେ ଏହି ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଆସିଥିବାରୁ ସେମାନଙ୍କ ମୁହଁରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ବିଦ୍ୟାଳୟ ଡାଟକ ନିକଟରେପ୍ରଧାନଶିକ୍ଷକ କାହ୍ନୁରଣ ଗିରି, ଶିକ୍ଷାବିତ ଝାଡେଶ୍ୱର ପ୍ରଧାନ ଏହି ଛାତ୍ର ଚାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ କୋଭିଡ ଗାଇଡଲାଇନ ପାଳନ ପାଇଁ ସଚେତନ କରାଇ ବା ସହ ସମସ୍ତ ଛା ତ୍ର ଛାତ୍ରୀମାନଙ୍କୁ ମାସ୍କ ପିନ୍ଧୀ ସାଜିକ ଦୂରତାରକ୍ଷାକରି ମନଦେଇ ପାଠପଢିବାକୁ ପରାମର୍ଶ ଦିଆଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଣସିକ୍ଷକମାନେ ଏହି କାର୍ଯ୍ୟକ୍ରମକୁ ପୁର୍ଣ୍ଣସହେଯାଗ କରିଥ଼େ ।ସିକ୍ଷକ ପିତବାସ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିକଳାଙ୍ଗ ଖୁସି ନିକଟରେ ପହଞ୍ଚିଲେ ପୌର ଅଧିକାରୀ ଓ ଜଳେଶ୍ୱର ବିଜେଡି ପ୍ରତିନିଧିଦଳ

ଜଳେଶ୍ୱର, ୮/୨ (ନିପ୍ର) : ଜଳେଶ୍ୱର ପୌରପରିଷଦର ୭ ନଂ ୱାର୍ଡ ଶାସନବାର୍ଡର ଅଜୟ ପଣ୍ଡାଙ୍କ ନାତୁଣୀ ଖୁସୀ ୯୦ଶତକଡା ପୋଲିଓ ବିକଳାଙ୍ଗ ଅଟନ୍ତି । ଅଜୟ ନିଜର ୩ ପୁଅଙ୍କୁ ହରାଇଥିବା ବେଳେ ତାଙ୍କର ବିକଳାଙ୍ଗ ନାତୁଣୀ ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି । ବାର୍ଦ୍ଧକ୍ୟ ଅବସ୍ଥାରେ ପରିବାରର ବୋଝ ଉଠାଇବାକୁ ପଡୁଥିବା ବେଳେ ଏବେ ସେ ଖୁସୀର ଚିକିତ୍ସା ପାଇଁ ବାର ଦୁଆର ହେବା ସହ ତାର ଚିକିତ୍ସା ପାଇଁ ଚିନ୍ତିତ ଅଛନ୍ତି । ଏ ସଂପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜଳେଶ୍ୱର ପୌରପରିଷଦର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ରଙ୍କ ସହିତ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀପ କୁମାର ପ୍ରଧାନ, ଆନନ୍ଦ କର, ବିଜୟ କାମିଲା, ସଂଜୟ ପାଳ, ହରିଶଂକର ପଣ୍ଡା ପ୍ରମୁଖ ତା ନିକଟରେ ପହଞ୍ଚି ଅର୍ନ୍ତୋଦ୍ୟ ଅନ୍ନ ଯୋଜନାରେ ଚାଉଳ, ବିକଳାଙ୍ଗ ଭତ୍ତା, ଆବାସ ଯୋଜନାରେ ଗୃହ ପ୍ରଦାନ ଲାଗି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ଖୁସିର ଚିକିତ୍ସାଲାଗି ସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯିବାକୁ ପ୍ରତିଶୃତି ଦେଇଛନ୍ତି ।

## ପାଣିରେ ବୁଡି ୩ବର୍ଷର ଶିଶୁ ମୃତ

ଜଳେଶ୍ୱର, ୮/୨ (ନିପ୍ର) : ଆଜି ପୂର୍ବାହ୍ନରେ ଜଳେଶ୍ୱର ପଥରପୁରା ମୌଜାର ମାଲଗୋଦାମ ପାଖ ରେଳ ଖାଇ ନିକଟରେ ଏକ ୩ବର୍ଷର ଶିଶୁ ପୁତ୍ର ପାଣିରେ ବୁଡି ମରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଷ୍ଟେସନପାଖ ପଥରପୁର ଗ୍ରାମର ଆସଫ ଖାଁ ଓ ମୁନୀ ବିବିଙ୍କ ପୁତ୍ର ଖେଳୁଥିବା ବେଳେ ଅଜାଣତରେ ପାଣିରେ ପଡି ଯାଇଥିଲା । ଆସଫ ବାହାର ରାଜ୍ୟକୁ କାର୍ଯ୍ୟପାଇଁ ଯାଇଥିବା ବେଳେ ପିଲାଟି ମା, ଅଜା, ଆଇ, ମୁମୁଁଙ୍କ ସାଥିରେ ରହୁଥିଲା । ହେଲେ ଅସାବଧାନତା ବସତଃ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି । ପିଲାଟିକୁ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା—ପ୍ରେମିକର ଘର ଆଗରେ ଧାରଣାରେ ବସିଛି ପ୍ରେମିକା

ବାଲିଆପାଳ,୦୮।୦୨ (ନି.ପ୍ର): ବିବାହର ପ୍ରତିଶୃତି ଦେଇ ପ୍ରତାରଣା । ପ୍ରେମିକର ଘର ଆଗରେ ଗତ କାଲି ରାତିରୁ ଧାରଣାରେ ବସିଛି ପ୍ରେମିକା । ପ୍ରେମ ଦିବସ ଅବସରରେ ପ୍ରେମ ପ୍ରତାରଣାର ଏଭଳି ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି । ଯିଏ ମୋର ଇଜ୍ଜତ ନେଇଛି, ଯିଏ ମୋର କେରିୟରକୁ ବର୍ବାଦ କରିଛି ସେ ହିଁ ମୋତେ ବିବାହ କରିବ । ଅଖିଆ ଅପିଆ ରହି ପାହିଗଲା ଶୀତୁଆ ରାତି ହେଲେ ପ୍ରେମିକ ଚମ୍ପଟ । ଦୁଇ ବର୍ଷ ଧରି ପ୍ରେମ ପକ୍ଷୀ ଭାବେ ଉଡିବୁଲୁଥିଲେ ଦୁଇ ପ୍ରେମିକ ପ୍ରେମିକା । ପ୍ରେମ ପରବର୍ତ୍ତୀ ସମ୍ପର୍କକୁ ଅଧରକ ଗମ୍ଭୀର କରି ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ । ଏବେ



ବିବାହ କଥା କହିବାରୁ ଫାଙ୍କି ମାରୁଛନ୍ତି ପ୍ରେମିକ । ଆଉ ଘର ଲୋକ କହୁଛନ୍ତି ପୁଅ ଘରେ ନାହିଁ ଆମେ କଣ କରିବୁ । ଅନ୍ୟ ପକ୍ଷରେ ଯୁବତୀ ଙ୍କ ପାଖକୁ ଗୋଟିଏ ଫଟୋ ମେସେଜ ଆସିଛି ଯେଉଁଥିରେ ପ୍ରେମିକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବାର ଫଟୋ ରହିଛି । ଏ ଭଳି ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ଥାନା ଦେଭୋଗ ପଂଚାୟତ ନୂଆଗାଁ ଗ୍ରାମରେ ଏହି ଗ୍ରାରେ ମନ୍ମଥ ମହାନ୍ତିଙ୍କ ପୁଅ ଚକ୍ରଧର ମହାନ୍ତିଙ୍କ ସହିତ ଜଗତିପୁର ପଂଚାୟତ ଅଣ ଦେଉଳା ଗ୍ରାମର ଜୈନିକା ଯୁବତୀଙ୍କର ଫେସବୁକରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ଦୁଇ ବର୍ଷ ଧରି ଦୁହେଁ ବିଭିନ୍ନ ସ୍ଥାନ ବୁଲା ବୁଲି କରି ଶାରିରୀକ ସମ୍ପର୍କ ମଧ୍ୟ ରଖିଥିଲେ । ଏବେ ପ୍ରେମିକ ଜଣକ ବିବାହ କରିବାକୁ ମନା କରିଦେଇଛନ୍ତି । ନିଜର ମନର ମଣିଷ ପାଖରୁ ପ୍ରତାରିତା ହେବା ପରି ଯୁବତୀ ଜଣକ ତାଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରେମିକା ଆସୁଥିବା ଖବର ପାଇ ପ୍ରେମିକ କୁଆଡେ ଚାଲିଯାଇଛନ୍ତି । ନ୍ୟାୟ ନପାଇବା ପର୍ଯ୍ୟନ୍ତ ସେ ତାଙ୍କ ଘର ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି । ଏ ବିଷୟରେ ସକାଳେ ଫୋନ ଯୋଗେ ଯୁବତୀ ଜଣକ ବାଲିଆପାଳ ଥାନାକୁ ଜଣାଇଥିବା ବେଳେ ସଂନ୍ଧ୍ୟାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ବାଲିଆପାଳ ଥାନା କେସ ନଂ ୨୫/୨୦୨୧ ଏକ ମାମଲା ରୁଜୁ ହୋଇଛି । ପୁଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ବିଭିନ୍ନ ଦାବି ନେଇ ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ



ବାଲେଶ୍ୱର,୦୮।୦୨ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ଆଶାକର୍ମ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ସୋମବାର ଦିନ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଏନେଇ ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଅଧ୍ୟକ୍ଷତା କରିବା ସହିତ ଆଶାକର୍ମୀଙ୍କ ପ୍ରତି ସରକାରଙ୍କ ଉଦାସୀନତା ତୀବ୍ର ସମାଲୋଚନା କରିଥିଲେ। ଆଶାକର୍ମୀଙ୍କ ନିଷ୍ଠାପର କାର୍ଯ୍ୟଧାରା ଯୋଗୁଁ ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଥିଲେ ବି ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ପଣ୍ଡା କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସମସ୍ତ ଆଶା କର୍ମୀଙ୍କ ନିଯୁକ୍ତିକୁ ସ୍ଥାୟୀ କରିବା, ସରକାରୀ କର୍ମଚାରୀ ଭାବେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା, ମାସିକ ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା ପ୍ରଦାନ କରିବା, କୋଭିଡ କାଳରେ କାର୍ଯ୍ୟରତ କରି ମୃତ୍ୟୁ ବରଣ କରିଥିବା ଆଶା କର୍ମୀଙ୍କୁ ସରକାରୀ ଘୋଷଣା ଅନୁସାରେ ୫୦ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ ପାଇଁ ଶ୍ରୀ ପଣ୍ଡା ଦାବି କରିଥିଲେ। ଆଶକର୍ମୀ ସଂଘ ବାଲେଶ୍ୱର ଜିଲା ସଭାପତି ଶକୁନ୍ତଳା ଗୋଚ୍ଛାୟତ, ଜିଲା ସମ୍ପାଦକ ପଦ୍ମଭୂଷଣ ରାୟ, ରାଜ୍ୟ ଉପ-ସଭାପତି କୁମମଣି ଦେଇ, ଜିଲା ସମ୍ପାଦିକା କଲ୍ପଲତା ଦାସ ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo